## ସଂକ୍ଷେପରେ

### ଶ୍ୱଶୁରଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

**ରୂପ୍‌ସା,୯।୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ବଡ଼ବଇଁଚା ମଙ୍ଗଳାବାଡ଼ି ଗାଁରେ ଶ୍ୱଶୁର ଘରେ ରହୁଥିବା ଜ୍ୱାଇଁ ଟୁନା ମାଝୀ (୩୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଙ୍କ ଘର ସିଂଲା ଥାନା ଅଞ୍ଚଳରେ। ସେ ୨ବର୍ଷ ହେବ ସ୍ତ୍ରୀ, ପିଲାଛୁଆଙ୍କ ସହ ଶ୍ୱଶୁର ଘରେ ରହୁଥିଲେ। ସ୍ଥାନୀୟ ଏକ ବୋଟ୍ ମାଲିକଙ୍କ ପାଖରେ ମତ୍ସ୍ୟଜୀବୀ ଭାବେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଉଥିଲେ। ଗତ ୮ ତାରିଖରେ ସେ ଶୋଇଥିବା ଅବସ୍ଥାରେ ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନା ପୋଲିସ ବୁଧବାର ଏକ ଅପମୃତ୍ୟୁ ମାମଲା (ନଂ. ୫୧/୧୯) ରୁଜୁ କରିଛି। ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପାରିବାରିକ କଳହ ଓ ଅନ୍ୟ ଦିଗକୁନେଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

### କନଷ୍ଟେବଳଙ୍କ ଅସ୍ୱାଭାବିକ ମୃତ୍ୟୁ

**ରୂପ୍‌ସା,୯।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା କମର୍ଦ୍ଦା ଥାନାରେ କନଷ୍ଟେବଳ ଭାବେ ଚାକିରି କରୁଥିବା ରୂପ୍‌ସା ଥାନା ଅନ୍ତର୍ଗତ ବାରାପାଳ ଗ୍ରାମରେ ବୀରେନ୍ଦ୍ର କୁମାର ମୁର୍ମୁ (୫୦)ଙ୍କର ମଙ୍ଗଳବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ଯକୃତଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ପ୍ରଚାର ହେବା ପରେ ଗାଁରେ ଶୋକର ଛାୟା ଖେଳି ଯାଇଥିଲା। ତାଙ୍କ ମୃତଦେହ ଗାଁକୁ ଅଣାଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି।

### ଥାନା ଅଧିକାରୀଙ୍କ ଅଦଳବଦଳ

**ଭୋଗରାଇ, ୯।୧୦ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ମେରାଇନ୍ ଥାନାର ନୂତନ ଆଇଆଇସି ଭାବେ ସୁଜାତା ଖମାରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଥାନାରେ ଥିବା ଆଇଆଇସି ତୁଶୀଲ ମାଝିଙ୍କୁ ବାଲେଶ୍ୱର ସଦର ମହକୁମାକୁ ବଦଳି କରାଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ନୂତନ ଅଧିକାରୀଙ୍କୁ ସ୍ୱାଗତ ଜଣାଇ ଉଦୟପୁର, ତାଳସାରୀ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ସୁରକ୍ଷା ଦେବା ଏବଂ ମାଦକ ଦ୍ରବ୍ୟର ପ୍ରସାର ବନ୍ଦ କରିବାକୁ ଦାବି ଜଣାଇଛନ୍ତି।

## ମା'ଙ୍କୁ ମେଲାଣି

# ଶୋଭାଯାତ୍ରାରେ ଦୁଲୁକିଲା ରାସ୍ତାଘାଟ

ଶେଷ ହୋଇଛି ଶାରଦୀୟ ପୂଜାର ମାହୋଲ। ମା' ଜଗଜ୍ଜନନୀ ଦୁର୍ଗା ନେଇଛନ୍ତି ମେଲାଣି। ବିଭିନ୍ନ ସ୍ଥାନରେ ଧୂମ୍‌ଧାମରେ ରାବଣ ପୋଡି ଉତ୍ସବ ସରିବା ପରେ ବୁଧବାର ଭସାଣି ସମାରୋହ ସମ୍ପନ୍ନ ହୋଇଛି। ମା' ଦୁର୍ଗାଙ୍କ ମେଢକୁ ପାରମ୍ପରିକ ବାଦ୍ୟ ବଜାଇ ଶୋଭାଯାତ୍ରାରେ ନିଆଯାଇ ନଦୀ ନାଳରେ ବିସର୍ଜନ କରାଯାଇଛି। ମଙ୍ଗଳବାର ମହାଦଶମୀ ପାଳନ ଅବସରରେ ବିଭିନ୍ନ ପୂଜାମଣ୍ଡପରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଆଖଡ଼ା ଓ ସୁନ୍ଦର ଖେଳ ଭଳି ବିଭିନ୍ନ ପାରମ୍ପରିକ କ୍ରୀଡ଼ା ସାଙ୍ଗକୁ ରାବଣପୋଡ଼ି ମହୋତ୍ସବ ପରିବେଶକୁ କରିଥିଲା ମନମୁଗ୍ଧକର।


ସିନେମା ଛକରେ ଧାଡ଼ିରେ ଯାଉଥିବା ମା'ଙ୍କ ମେଢ଼।

**ବାଲେଶ୍ୱର ଅଫିସ,୯।୧୦**

ବାଲେଶ୍ୱର ଜିଲାରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଲାଗି ସବୁଠି ଲାଗି ରହିଥିଲା ଉତ୍ସବର ମାହୋଲ। ସ୍ଥାନୀୟ ସହରରେ ୭୨ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପ ହୋଇଥିବାବେଳେ ରେମୁଣାରେ ୫୪, ବସ୍ତାରେ ୪୦, ଜଳେଶ୍ୱରରେ ୩୫, ନୀଳଗିରିରେ ୧୫, ସୋରରେ ୨୨, ଖଇରାରେ ୨୧, ସିମୁଳିଆରେ ୭, ଭୋଗରାଇରେ ୧୦ରୁ ଉର୍ଦ୍ଧ୍ୱ ମେଢ଼ ହୋଇଥିଲା। ବୁଧବାର ସବୁଠି ମା'ଙ୍କୁ ମେଲାଣି ଦିଆଯାଇଛି। ଏସବୁ ସ୍ଥାନରେ ବୁଧବାର ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, ଆଲୋକମାଳା, ଆତସବାଜୀ ପ୍ରଦର୍ଶନ ମଧ୍ୟରେ ଭଷାଣି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ପୋଲିସ ମୁତୟନ କରାଯିବା ସହ ଅଗ୍ନିଶମ ବିଭାଗକୁ ସତର୍କ ରଖାଯାଇଥିଲା। ସ୍ୱାସ୍ଥ୍ୟସେବା ନିମନ୍ତେ ଅସ୍ଥାୟୀ ଶିବିର ଓ ଦେବୀଙ୍କ ବିସର୍ଜନ ଲାଗି ଅସ୍ଥାୟୀ କୁଣ୍ଡମାନ ଖୋଳା ଯାଇଥିଲା। ଭସାଣି ଉତ୍ସବ ଦେଖିବା ପାଇଁ ସହରକୁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସିଥିବାର ଦେଖିବାକୁ ମିଳିଥିଲା।

- ପୋଲିସ, ଅଗ୍ନିଶମ ବିଭାଗ ତତ୍ପର
- ସ୍ୱାସ୍ଥ୍ୟସେବା ଲାଗି ଅସ୍ଥାୟୀ ଶିବିର
- ବିସର୍ଜନ ସ୍ଥଳୀରେ ଅସ୍ଥାୟୀ କୁଣ୍ଡ

ସହରରେ ୭୨ରୁ ଉର୍ଦ୍ଧ୍ୱ ପୂଜା କମିଟିର କର୍ମକର୍ତ୍ତାମାନେ ନିଜ ନିଜର ମେଢ଼କୁ ଆଡ଼ମ୍ବର ସହକାରେ ପୂର୍ବାହ୍ନ ୮ଟା ବେଳକୁ ବିସର୍ଜନ ନିମନ୍ତେ ପ୍ରସ୍ତୁତ କରି ବାହାରିଥିଲେ। ପୂର୍ବରୁ ନିର୍ଦ୍ଧାରିତ ନମ୍ବର ଅନୁସାରେ ପୂଜା କମିଟିର ସଦସ୍ୟମାନେ ନିର୍ଦ୍ଦିଷ୍ଟ ସମୟରେ ମେଢ଼କୁ ବିସର୍ଜନ ଦେବା ପାଇଁ ବୁଢ଼ାବଳଙ୍ଗ ନଦୀର ନୁଣିଆଜୁଡ଼ି ଏବଂ ବାଲିଘାଟକୁ ନେଇଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ବାଦ୍ୟଯନ୍ତ୍ର, ଭଜନକୀର୍ତ୍ତନ, ପାରମ୍ପରିକ ନୃତ୍ୟ, ଘଣ୍ଟା, ମାଦଳ ଧ୍ୱନିରେ ରାସ୍ତାଘାଟ ଦୁଲୁକି ଉଠିଥିଲା। ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶିବିର ଖୋଲାଯାଇ ପୂର୍ବାଞ୍ଚଳ ଆଇଜି ଦିପ୍ତେଶ କୁମାର ପଟ୍ଟନାୟକ ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଞ୍ଚାଳନ କରାଯାଇଥିଲା। ନଦୀ କୂଳରେ ଅଗ୍ନିଶମ ବିଭାଗ ପକ୍ଷରୁ ବୋଟ୍ ସହ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସହରର ଆଇଟିଆଇ, ପୋଲିସଲାଇନ୍ ଛକ, ରେଳଷ୍ଟେଶନ, ଷ୍ଟେଶନଛକ, ଫକୀରମୋହନ ଗୋଲେଇ, ଫାଣ୍ଡିଛକ, ବସ୍‌ଷ୍ଟାଣ୍ଡ, ସହଦେବଖୁଣ୍ଟା, ବାଲିଆ, ନୂଆସାହି, ହରିପୁର, ଅରଡ଼ବଜାର ଅଞ୍ଚଳର ହୋଇଥିବା ପୂଜା ମଣ୍ଡପର ମେଢ଼ ନୁଣିଆଜୁଡ଼ି ଘାଟରେ ବିସର୍ଜନ କରାଯିବାକୁ ସ୍ଥିର ହୋଇଥିବା ବେଳେ ଆଜିମାବାଦ, ଗଡ଼ଗଡ଼ିଆ ଛକ, ହେମକାପଡା ଛକ, ସୁନହଟ, ମାନସିଂବଜାର, ମାଣିଖମ୍ଭ, ଗୋପାଳଗାଁ, ସିନେମାଛକ, ଚାଉଳିଆସାହି, ମୋତିଗଞ୍ଜ, ଥାନାଛକ, ଦାମୋଦରପୁର, ବାରବାଟି ଅଞ୍ଚଳର ମେଢ଼ ବାଲିଘାଟରେ ବିସର୍ଜନ ହୋଇଥିବାଜଣାପଡ଼ିଛି। ନଦୀ ପ୍ରଦୂଷଣକୁ ରୋକିବା ଲାଗି ଉଭୟ ବିସର୍ଜନ ସ୍ଥଳୀରେ ଅସ୍ଥାୟୀ କୁଣ୍ଡ କରାଯାଇଥିଲା। ବୁଧବାର ଦିବାରାତ୍ର ଭସାଣି କାର୍ଯ୍ୟକ୍ରମ ଜାରି ରହିଥିଲା। ଗୁରୁବାର ମଧ୍ୟାହ୍ନ ୨ଟା ସୁଦ୍ଧା ଭସାଣି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ବାଡ଼ିଖେଳ ଦେଖାଇଲେ ୨୬ ଦଳ

ଦଶହରା ଅବସରରେ ବାଲେଶ୍ୱର ସହରରେ ୨୬ଟି ଦଳ ବାଡ଼ି ଖେଳ (ଆଖଡ଼ା) ପ୍ରଦର୍ଶନ କରିଥିଲେ। ପୂର୍ବରୁ ନିର୍ଦ୍ଧାରିତ ସମୟ ଅନୁସାରେ ସେମାନେ ସିନେମା ଛକରେ ପହଞ୍ଚି ନିଜର କଳା ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅନନ୍ତ ଦାସ, ସଦର ବିଧାୟକ ମଦନ ମୋହନ ଦତ୍ତ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର କୁମାର, ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବାଡ଼ି ଖେଳର କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ।



## 'ଦେଶ ଓ ଜାତି ପ୍ରେମ ରାଷ୍ଟ୍ରର ମୂଳମନ୍ତ୍ର'


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ରୂପ୍‌ସା,୯।୧୦(ଡି.ଏନ.ଏ.):** ପ୍ରତ୍ୟେକ ଭାରତୀୟ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହେବା ଉଚିତ। ଦେଶ ପ୍ରେମ, ଜାତି ପ୍ରେମ ହିଁ ରାଷ୍ଟ୍ରର ମୂଳ ମନ୍ତ୍ର ବୋଲି ଅମର ଯବାନ ଯୁବସଂଗଠନର ବାର୍ଷିକ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ମୁଖ୍ୟଅତିଥି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ନନ୍ଦ କୁମାର ମାଇତି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ, ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ନାଥ, ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ପୂର୍ବତନ ଶିକ୍ଷକ ସୀତାକାନ୍ତ କର, ସାମାଜିକକର୍ମୀ ଜୟଦେବ ସାହୁ, ପ୍ରାକ୍ତନ ସେନା ଅଧିକାରୀ ସୁରେନ୍ଦ୍ର ପ୍ରସାଦ ରାଉତ, ପ୍ରେମଚାନ୍ଦ ପରିଡ଼ା, ସୁନ୍ଦରମୋହନ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ସଭାପତି ଭକ୍ତ ଚରଣ ଦାସ ସ୍ୱାଗତ ବକ୍ତବ୍ୟ ଓ ସମ୍ପାଦକ ସଞ୍ଜୟ ବେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସ୍କୁଲର ପ୍ରତିଷ୍ଠାତାଙ୍କ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀ ବିଶାଖା ମାଇତି, ପ୍ରୀତିରେଖା ସାହୁ, ଛାତ୍ର ଗୋପାଳ କୃଷ୍ଣ ନାଥ, ଦୀପକ ବେରା ଓ ଦୀପେନ୍ଦୁ ମଣ୍ଡଳଙ୍କୁ ପ୍ରଶଂସାପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜୀବନ୍ତ ମା'ଙ୍କୁ ଆରତିକରି ପୂଜିଲେ

**ଜଳେଶ୍ୱର,୯।୧୦**

ବାଲେଶ୍ୱର ଜିଲା ଜଳେଶ୍ୱର ସ୍ଥିତ ଦେଉଳି ପଞ୍ଚୁଘଣ୍ଟା ମା' ମଙ୍ଗଳା ପୂଜୋତ୍ସବ କମିଟି ପକ୍ଷରୁ ଶାରଦୀୟ ପୂଜା ତଥା ଦଶହରା ଅବସରରେ ସୋମବାର ମାତୃପୂଜା ଉତ୍ସବ ଆୟୋଜିତ ହୋଇଥିଲା। ଆଗାମୀ ପିଢ଼ିକୁ ମାତାପିତାଙ୍କ ପ୍ରତି ଥିବା କର୍ତ୍ତବ୍ୟର ସଚେତନତା କରାଇବା ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଣିଷ ପ୍ରକୃତିର ପ୍ରଥମ ସ୍ପର୍ଶ ମା' ଠାରୁ ହିଁ ପାଇଥାଏ। ମା' ବିନା ସୃଷ୍ଟି ଅସମ୍ଭବ। ତେଣୁ ମା'ଙ୍କୁ ସର୍ବାଗ୍ରେ ପୂଜନ କରିବା ଦରକାର ବୋଲି ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ବକ୍ତାମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମର ସମସ୍ତ ବୟସ୍କା ମା'ମାନଙ୍କୁ ଅଣାଯାଇ ସେମାନଙ୍କୁ ପୁଷ୍ପଚନ୍ଦନ ଦେଇ, ଫୁଲମାଳ ପିନ୍ଧାଇ ଆରତି କରାଯାଇଥିଲା । ଏଥିସହ ସମସ୍ତଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହାପରେ ସେମାନଙ୍କଠାରୁ ଉପସ୍ଥିତ ସମସ୍ତେ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଗ୍ରାମର ବୟସ୍କ ବ୍ୟକ୍ତି ଭାବେ ପୂର୍ଣ୍ଣେନ୍ଦୁ ନନ୍ଦୀ, ଯଜ୍ଞେଶ୍ୱର ଜେନା ଓ ରବୀନ୍ଦ୍ର ପାତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

- ଦଶହରାରେ ନିଆରା ମାତୃପୂଜା ସମାରୋହ
- ଆଗାମୀ ପିଢ଼ି ଲାଗି ବାର୍ତ୍ତା ବାଣ୍ଟିଲେ


ଗ୍ରାମର ସମସ୍ତ ବୟସ୍କ ମା'ମାନଙ୍କୁ ପୂଜନ କରାଯାଉଛି।

ଇସ୍କନ ମନ୍ଦିରର ମୁଖ୍ୟ ସେବକ ଚନ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ପ୍ରବୀର କୁମାର ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ଯଜ୍ଞେଶ୍ୱର ଜେନା, ରବୀନ୍ଦ୍ର ପାତ୍ର, ଶିକ୍ଷକ ତଥା ସାଇସେବା ସଂଗଠନର ସେବକ ପ୍ରାଣକୃଷ୍ଣ ଗିରି ଓ ଶିକ୍ଷକ ଅଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଦିନରେ ସମାଜରେ ମା'ବାପାଙ୍କୁ ଉପେକ୍ଷା ଓ ଅବହେଳା କରାଯାଉଥିବା ଦେଖିବାକୁ ମିଳୁଛି। ସନ୍ତାନ ମାନେ ମାତାପିତାଙ୍କୁ ବୃଦ୍ଧ ଅବସ୍ଥାରେ ସେବା ଶୁଶ୍ରୁଷା କରିବା ପରିବର୍ତ୍ତେ ଛାଡ଼ି ଚାଲି ଯାଉଛନ୍ତି। ସେଥିପାଇଁ ନୂଆ ପିଢ଼ିକୁ ସଚେତନ କରାଇବା ପାଇଁ ମାତୃ ପୂଜନ କାର୍ଯ୍ୟକ୍ରମ ବାଟ ଦେଖାଇବ ବୋଲି ବକ୍ତାମାନେ କହିଥିଲେ। ପ୍ରଥମେ ଶଙ୍କର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପୂର୍ବତନ କାଉନ୍‌ସିଲର ଅର୍ଚ୍ଚନା ଗିରି, ଚନ୍ଦ୍ରକାନ୍ତ ସାହୁ, ଅନନ୍ତ ଦାସ, କଳ୍ପନା ଦାସମହାପାତ୍ର ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜଳଜୀବଙ୍କ ପ୍ରତି ଆକର୍ଷଣରୁ ମତ୍ସ୍ୟବିଜ୍ଞାନୀ

**ସନ୍ତୋଷ କୁମାର ନାୟକ**
**ସିମୁଳିଆ,୯।୧୦**

ଧରିତ୍ରୀ ପୃଷ୍ଠରେ ପ୍ରକୃତି ଓ ଜୀବଜଗତ ବଡ ବୈଚିତ୍ର୍ୟମୟ। ପିଲାଦିନେ ଜଳଜୀବଙ୍କ ପ୍ରତି ଆକର୍ଷଣ ତାଙ୍କୁ ଆଜି ମତ୍ସ୍ୟ ବିଜ୍ଞାନୀର ପରିଚୟ ହେଇଛି। ଓଡ଼ିଶାରେ ମତ୍ସ୍ୟଚାଷର ବିକାଶ ଲାଗି ସେ ନିରନ୍ତର ଗବେଷଣା ଜାରି ରଖିଛନ୍ତି। ଜୈବିକ ତଥା ସମନ୍ୱିତ ପଦ୍ଧତିରେ ମାଛ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ । ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ରୂପେ କାର୍ଯ୍ୟ କରୁଥିବା ଡ. ଅମ୍ବିକା ପ୍ରସାଦ ନାୟକ ବର୍ଷସାରା ମାଛ ଅମଳ ପାଇଁ ମୁଣ୍ଡା ଯାଆଁଳ ବ୍ୟବହାର, ସମନ୍ୱିତ ମାଛଚାଷ, ବ୍ଲାକ କାର୍ପ ମାଛ ଦ୍ୱାରା ପୋଖରୀରେ ଗେଣ୍ଡା ନିୟନ୍ତ୍ରଣ, ଜୈବିକ ପଦ୍ଧତିରେ ମାଛ ରୋଗ ପ୍ରତିଷେଧକ ଆଦି କ୍ଷେତ୍ରରେ ଗବେଷଣା କରି ସଫଳ ହୋଇଛନ୍ତି । ବାଡି ଅଗଣାରେ ଜଳ କୁଣ୍ଡରେ ମାଛ ଚାଷ (ବାୟୋଫ୍ଲକ) ଅଧିକ ମୂଲ୍ୟଯୁକ୍ତ ଏମୁରକାର୍ପ ମାଛ ଉତ୍ପାଦନ, ମାଛ ପାରମ୍ପରିକ ଖାଦ୍ୟରେ ଇଷ୍ଟ(କବକ) ଓ ପ୍ରୋ-ବାୟୋଟିକ୍ସର ବ୍ୟବହାର, ଚାଷୀ ଖର୍ଚ୍ଚ କମ୍ କରି ଅଧିକ ଲାଭ ପାଇଁ କୃତ୍ରିମ ଖାଦ୍ୟ ବ୍ୟବହାର, ଅଙ୍ଗୁଳିକା ଯାଆଁଳ, କେକ୍ ଫିଡିଂ ଇତ୍ୟାଦି ଉପରେ ତାଙ୍କ ଗବେଷଣା ଜାରି ରହିଛି । କେବଳ ସେତିକି ନୁହେଁ , ଯାଆଁଳ ସଂରକ୍ଷଣ ପାଇଁ ଛୋଟ ପୋଖରୀ ବ୍ୟବସ୍ଥା ଓ ଚାଷୀ ଋଣରେ ସରଳୀକରଣ କରିବା ଲାଗି ସେ ଉଦ୍ୟମ ଚଳାଇଛନ୍ତି।

ଅଧିକ ପ୍ରୋତ୍ସାହନ ମିଳିଲେ ଓଡ଼ିଶାରେ ମାଛଚାଷର ପ୍ରସାର ହୋଇପାରିବ। ଜୈବିକ ପଦ୍ଧତିରେ ମାଛ ରୋଗ ପ୍ରତିଷେଧକ କରାଯିବା ସହ ପାରମ୍ପରିକ ଖାଦ୍ୟରେ ଇଷ୍ଟ ଓ ପ୍ରୋ-ବାୟୋଟିକ୍ସ ବ୍ୟବହାର ଅଧିକ ଉପଯୋଗୀ ହେବ। ପିଲାଦିନେ ଜଳଜୀବଙ୍କୁ ନେଇ ଦେଖିଥିବା ସ୍ୱପ୍ନରେ ସେ ଆଜି ବି ବିଭୋର ।


ଅମ୍ବିକା ପ୍ରସାଦ

ଓଡ଼ିଶାର ଜଣେ ସୁନାମଧନ୍ୟ ଜଳଜୀବ ବୈଜ୍ଞାନିକ ବା ମତ୍ସ୍ୟ ବିଜ୍ଞାନୀ ପରିଚିତ ଡ. ଅମ୍ବିକା ପ୍ରସାଦ ନାୟକ କେବଳ ନିଜ କାର୍ଯ୍ୟକ୍ଷେତ୍ର ନୁହେଁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରି ଆସୁଛନ୍ତି । ମୋବାଇଲ ଓ ବିଭିନ୍ନ ସୋସିଆଲ ମିଡିଆ ସହାୟତାରେ ସେ ପଶ୍ଚିମ ଓଡ଼ିଶାର ଚାଷୀଙ୍କ ମାଛ ଚାଷର ବିଭିନ୍ନ ସମସ୍ୟାର ସମାଧାନ କରିଥାଆନ୍ତି । ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ପାଇଁ ତାଙ୍କୁ ମିଳିଛି ସ୍ୱର୍ଣ୍ଣ ମେଡାଲ । ନୟାଗଡ଼ ଜିଲା ସିକ୍ରିଡା ବ୍ଲକ ଅଧୀନ ସିକ୍ରିଡା ଅଞ୍ଚଳର ଅମ୍ବିକାପ୍ରସାଦଙ୍କ ଘର। ମା' ସରୋଜିନୀ ଓ ବାପା ଡ. ଫକୀର ମୋହନ ନାୟକ। ତାଙ୍କ ପିଲାବେଳ ତାଙ୍କର ବିଭିନ୍ନ ଗ୍ରାମାଞ୍ଚଳରେ କଟିଥିବାରୁ ଜଳଜୀବଙ୍କ ସମ୍ପର୍କରେ ଜାଣିବାର ଆଗ୍ରହ ବୃଦ୍ଧି ପାଇଥିଲା। ତାଙ୍କ ବାପା କୋରାପୁଟ ଜେଲର ଡାକ୍ତର ହୋଇଥିବାରୁ ତାଙ୍କ ପ୍ରଥମ ଶିକ୍ଷା କୋରାପୁଟ ଜେଲ ଉପ୍ରା ବିଦ୍ୟାଳୟରୁ ଆରମ୍ଭ ହୋଇଥିଲା। ପରେ ସମ୍ବଲପୁର ଜିଏମ୍ କଲେଜରୁ ଯୁକ୍ତଦୁଇ ବିଜ୍ଞାନ ଓ ଭୁବନେଶ୍ୱର ଓୟୁଏଟିରୁ ସ୍ନାତକ ଓ ସ୍ନାତକୋତ୍ତର ପାଶ୍ କରିଥିଲେ । ପରେ ସର୍ବଭାରତୀୟ କୃଷି ଗବେଷଣା ଦ୍ୱାରା ପରିଚାଳିତ ଜୁନିୟର ରିସୋର୍ସ ଫେଲୋସିପ(ଜେଆର୍‌ଏଫ୍) ପରୀକ୍ଷାରେ ସମଗ୍ର ଦେଶରେ ପ୍ରଥମ ହୋଇଥିଲେ। ମତ୍ସ୍ୟ ବିଜ୍ଞାନ ବିଭାଗ ସ୍ନାତକୋତ୍ତରରେ ପ୍ରଥମ ହୋଇ ଗୋଲ୍ଡ ମେଡାଲ ପାଇଥିଲେ ।

୧୯୯୫ରେ ଆନ୍ଧ୍ର ଓଡିଶା ଚିଙ୍ଗୁଡି ଯାଆଁଳ ଉତ୍ପାଦନର ବୈଷୟିକ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରି ପରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଅଧୀନରେ କଳାହାଣ୍ଡି ଓ ସମ୍ବଲପୁର ଜିଲାରେ କାର୍ଯ୍ୟ କରି ୨୦୦୫ରୁ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ରୂପେ କାର୍ଯ୍ୟ କରୁଛନ୍ତି । ତାଙ୍କ ସାନଭାଇ ଜଗନ୍ନାଥ ପ୍ରସାଦ ଜଣେ ଇଞ୍ଜିନିୟର । ପୁଅ ସ୍ୱପ୍ନ ସମ୍ଭବ କମ୍ପ୍ୟୁଟର ଇଞ୍ଜିନିୟର ପଢୁଥିବା ବେଳେ ସ୍ତ୍ରୀ ନମିତା ଓ ମା' ଗୃହିଣୀ ରୂପେ ଭୁବନେଶ୍ୱର ଘରେ ରହୁଛନ୍ତି। ଅମ୍ବିକା ପ୍ରସାଦ କହନ୍ତି, ସେ ପରିବାର ଠାରୁ ଦୂରରେ ରହୁଥିବାରୁ ବିଭିନ୍ନ ଅଞ୍ଚଳର ଚାଷୀଙ୍କ ସହିତ ମିଶି ସମୟ ଅତିବାହିତ କରୁଛନ୍ତି । ୨୦୦୦ରେ କଳାହାଣ୍ଡି ଜିଲାର କମଲପୁର ବ୍ଲକ ଖଣ୍ଡିଡଙ୍ଗିରିଗୁଡା ଅଞ୍ଚଳର ଚଷୀଙ୍କ ନିକଟକୁ ଯାଇ ଫେରୁଥିବା ବେଳେ ହାତୀ ନଦୀରେ ଡଙ୍ଗା ବୁଡି ଦୁର୍ଘଟଣାର ଶିକାର ହୋଇଥିଲେ। ତେବେ ସେଠାରେ ଚାଷୀମାନଙ୍କ ଦ୍ୱାରା ସେ ଉଦ୍ଧାର ଲାଭ କରିଥିଲେ। ଓଡ଼ିଶା ଭଳି କୃଷି ପ୍ରଧାନ ରାଜ୍ୟରେ ମତ୍ସ୍ୟ ଓ ଅନ୍ୟ ଆନୁଷଙ୍ଗିକ କୃଷିର ବିକାଶ ହେଲେ ରାଜ୍ୟ ଅର୍ଥନୀତି ସୁଦୃଢ଼ ହୋଇ ପାରିବ । ମାଛ ଚାଷର ବିକାଶ ଲାଗି ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବା ଦରକାର। ଓୟୁଏଟି ପକ୍ଷରୁ ତାଙ୍କୁ 'ଆୱାର୍ଡ ଅଫ୍ ଏକ୍ସଲେନ୍ସ' ସମ୍ମାନ ମିଳିବା ଏବଂ ଗତବର୍ଷ ଡିସେମ୍ବର ୨୩ ତାରିଖରେ ଖଇରା ବ୍ଲକ ଗଣ୍ଡିବେଡରେ ଚାଷୀ ମାନଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ସମ୍ମାନିତ କରାଯିବା ଘଟଣା ତାଙ୍କୁ ଅଧିକ ଆନନ୍ଦ ଦେଇଛି ବୋଲି କହିଥିଲେ।

## 'ସଂସ୍କାର ଏକ ଅମୋଘ ଅସ୍ତ୍ର'



ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଜୟା ଦଶମୀ ଉତ୍ସବରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ, ୯।୧୦:** ଆତଙ୍କବାଦ, ଦୁର୍ନୀତି ଓ ପ୍ରଦୂଷଣ ଆଜି ମହିଁଷାସୁର ସାଜି ସମଗ୍ର ମାନବ ଜାତିକୁ କବଳିତ କରିବାକୁ ପ୍ରୟାସ କରୁଛି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ତଥା ବାହ୍ୟ ସୁରକ୍ଷା ବିଭିନ୍ନ ଆହ୍ୱାନ ମଧ୍ୟରେ ଗତି କରୁଛି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସମାଜ ସଂସ୍କାର ଏକ ଅମୋଘ ଅସ୍ତ୍ର ସାଜି ଦେଶ ତଥା ଜାତିକୁ ସୁରକ୍ଷା ପ୍ରଦାନ କରିପାରିବ ବୋଲି ବାଲେଶ୍ୱର ସହରସ୍ଥିତ ପରମିଟ୍ ପଡ଼ିଆରେ ମଙ୍ଗଳବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ୯୩ତମ ସ୍ଥାପନା ଦିବସ ସହ ବିଜୟା ଦଶମୀ ଉତ୍ସବ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ସଂଘର ଓଡ଼ିଶା ପୂର୍ବପ୍ରାନ୍ତର ସହପ୍ରାପ୍ତ କାର୍ଯ୍ୟବାହ ସୁଦର୍ଶନ ଦାସ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆଦର୍ଶ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଚାନ୍ଦିପୁରସ୍ଥିତ ଆଇଟିଆର୍‌ର ବରିଷ୍ଠ ବୈଜ୍ଞାନିକ ରଣଜିତ୍ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଓ ଦେଶର ସମସ୍ୟା ସମାଧାନରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଏବଂ ବିଭାଗ ସଂଘଚାଳକ ରଘୁନାଥ ପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବହୁ ସ୍ୱୟଂସେବକ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରୁ ସ୍ୱୟଂସେବକମାନେ ଏକତ୍ରିତ ହୋଇ ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ମୃତ

**ବାସୁଦେବପୁର, ୯।୧୦ (ଡି.ଏନ.ଏ.):** ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ବେତଡ଼ା ବଜାର ହାଇସ୍କୁଲ ଛକଠାରେ ମଙ୍ଗଳବାର ଏକ ଦୁର୍ଘଟଣାରେ କମଳାକାନ୍ତ ନାୟକ(୪୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଘର ବରଣ୍ଡୁଆ ଗ୍ରାମରେ। ସେ ବାଇକ୍‌ରେ ବେତଡ଼ା ବଜାରକୁ ଆସୁଥିବା ବେଳେ ଏକ ପିକ୍‌ଅପ୍ ତାଙ୍କୁ ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ପୋଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍‌କୁ ଜବତ କରିଛି।

### ମାଳତୀରାରେ ମଣ୍ଡପ ଉଦ୍‌ଘାଟିତ

**ବନ୍ତ, ୯।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ମାଳତୀରାଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୩ଟି ପର୍ଯ୍ୟାୟରେ ଆସିଥିବା ୫. ୫୦ ଲକ୍ଷ ଏବଂ ବଦାନ୍ୟ ବ୍ୟକ୍ତି, ଗ୍ରାମବାସୀଙ୍କ ସହାୟତାରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ମଣ୍ଡପ ନିର୍ମାଣ କରାଯାଇଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରଥ ଦାସ, ମୁକ୍ତିକାନ୍ତ ମଣ୍ଡଳ, ଜିଲାପରିଷଦ ସଭ୍ୟା ରେବତୀ ନାୟକ ଓ ଜିଲା ବିଜେଡି ସାଧାରଣ ସମ୍ପାଦିକା ସୁଜାତା ଜେନା ଯୋଗ ଦେଇଥିଲେ। କମିଟି ସଭାପତି ନାରାୟଣ ଚନ୍ଦ୍ର ସାହୁ, ସମ୍ପାଦକ ସୁଧାଂଶୁ ମହାନ୍ତି, ଉପସଭାପତି ନରହରି ଜେନା, ସହସମ୍ପାଦକ ରମାକାନ୍ତ ଜେନା, କୋଷାଧ୍ୟକ୍ଷ ଅକ୍ଷୟ ଅନନ୍ତ କର, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ସାହୁ, ୱାର୍ଡସଭ୍ୟ ନିରାକର ସାହୁ ଓ ଉପଦେଷ୍ଟା ରଘୁନାଥ ରଣା ସହାୟତା କରିଥିଲେ। ବହୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ପରିବେଶ ସୁରକ୍ଷା ନେଇ ଦସ୍ତଖତ ଅଭିଯାନ

**ଭଣ୍ଡାରିପୋଖରୀ, ୯।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଗ୍ରାମର ବିଶିଷ୍ଟ ପରିବେଶବିତ୍ ସ୍ୱର୍ଗତ ମଙ୍ଗରାଜ ସ୍ୱାଇଁଙ୍କ ସ୍ମୃତିରେ ୩ୟ ବାର୍ଷିକ ପରିବେଶ ସୁରକ୍ଷା ନେଇ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନଟବର ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସରସଦା ହାଇସ୍କୁଲର ଶିକ୍ଷକ ସଞ୍ଜୟ ନନ୍ଦ ପରିବେଶ ସୁରକ୍ଷା ସମ୍ପର୍କରେ କହିଥିଲେ। ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଦସ୍ତଖତ ବୋର୍ଡରେ ଦସ୍ତଖତ କରିଥିଲେ। ସୁବାସ ନନ୍ଦ, ଜୟପ୍ରକାଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବହେଳିତ ଗାଁ ତୁଳିପଦୀ

**ବନ୍ତ, ୯।୧୦(ସ୍ୱ.ପ୍ର.)**

■ସବୁଦିନିଆ ରାସ୍ତା ନାହିଁ
■ଗାଁକୁ ପଶି ପାରୁନି ଦମକଳ, ଆମ୍ବୁଲାନ୍ସ

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ ତୁଳିପଦୀ ଗାଁ ଅବହେଳିତ। ଯାତାୟାତ ଲାଗି ଏହି ଗାଁକୁ ସବୁଦିନିଆ ଭଲ ରାସ୍ତା ନାହିଁ। ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଭଲ ରାସ୍ତା ନ ଥିବାରୁ ପାଣି କାଦୁଅରେ ପିଲାମାନଙ୍କୁ ସ୍କୁଲ ଯିବାକୁ ପଡ଼ିଥାଏ। ଲଘୁଚାପ ବର୍ଷାରେ ସେମାନେ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ। ଫଳରେ ବର୍ଷାଦିନେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଗାଁକୁ ସଂଯୋଗ କରୁଥିବା ଅଣଓସାରିଆ ରାସ୍ତା ଯାତାୟାତ ଅନୁପଯୋଗୀ ହୋଇଛି। ହେଲେ ପକ୍କା ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ପଡୁ ନ ଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ବନ୍ତ ବ୍ଲକର ଶେଷ ସୀମାରେ ବାଲେଶ୍ୱର ଜିଲାର ଖଇରା ବ୍ଲକକୁ ଲାଗି ରହିଛି ଏହି ଗାଁ। ସାନ ତୁଳିପଦୀ ଓ ବଡ଼ ତୁଳିପଦୀ ୨ଟି ସାହିରେ ଗାଁ ବିଭକ୍ତ। ୨ ସାହିକୁ ସଂଯୋଗ କରୁଥିବା ରାସ୍ତା ମାଟିର ହୋଇଥିବାରୁ ବର୍ଷା ହେଲେ ଯାତାୟାତ କରିବାରେ ଲୋକେ ଅସୁବିଧା ଭୋଗୁଛନ୍ତି।


କାଦୁଅ ରାସ୍ତାରେ ଲୋକେ ଯାଉଛନ୍ତି।

ଗାଁରେ ୪୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ପ୍ରାୟ ୭୦ ପରିବାର ଅନୁସୂଚିତ ଜାତିର ଅଛନ୍ତି। ଗାଁ ପାର୍ଶ୍ୱ ଦେଇ ପ୍ରବାହିତ କାନ୍ହେଇ ନାମକ ଏକ ଛୋଟିଆ ନଦୀ ଗାଁର ବିକାଶରେ ବାଧକ ସାଜିଛି। ରାମପୁର ବ୍ରାଞ୍ଚ କେନାଲ ରାସ୍ତାରୁ ଏହି ଗ୍ରାମକୁ ଯାଇଥିବା ୨କି.ମି. ଅଣଓସାରିଆ ମାଟି, ମୋରମ ରାସ୍ତା ବର୍ଷା ସମୟରେ କାଦୁଅ ପାଣିରେ ଜୁବୁବୁଡୁ ହେଉଥିବାରୁ ଯାତାୟାତରେ ସମସ୍ୟା ହୋଇଥାଏ। ଗାଁ ଭିତରେ କିଛି ରାସ୍ତା କଂକ୍ରିଟ ହୋଇଥିବା ବେଳେ ବାକି ରାସ୍ତାରେ ଗାଡ଼ି ସାଇକେଲ ତ ଦୂରର କଥା ଜୋତା ହାତରେ ଧରି ଯାଉଥିବା ଦୁଃଖର ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ଜରୁରୀ ସମୟରେ ଦମକଳ ଓ ଆମ୍ବୁଲାନ୍ସ ଗାଁକୁ ପଶିପାରୁ ନ ଥିବାରୁ ଗୁରୁତର ରୋଗୀଙ୍କୁ ସାଙ୍ଗିଭାରରେ କେନାଲ ରାସ୍ତା ପର୍ଯ୍ୟନ୍ତ ବୋହି ନେବାକୁ ପଡ଼ିଥାଏ। ଲଗାଣ ବର୍ଷାରେ ନଦୀରେ ପାଣି ବଢ଼ି ଯାଉଥିବାରୁ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଯାଇଥାଏ। ଚାଷ ଗାଁ ଲୋକଙ୍କର ଏକମାତ୍ର ସାହା ହୋଇଥିବା ବେଳେ ଉଜୁଡି ଯାଉଥିବାରୁ ସେମାନଙ୍କର ଆର୍ଥିକ ବିକାଶ ହୋଇପାରୁ ନାହିଁ। ଗ୍ରାମରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ର ବିଲ ହିଡ଼ ଦେଇ ଯିବାଆସିବା କରନ୍ତି। ଗାଁକୁ ଭଲ ରାସ୍ତା ଓ ନଦୀ ପାର୍ ହେବା ପାଇଁ ଏକ ପୋଲ ନିର୍ମାଣ କରାଯିବାକୁ ଗ୍ରାମର ପଦ୍ମଲୋଚନ ଦାସ, ସନାତନ ଦାସ, ନିରଞ୍ଜନ ଦାସ, ମହେନ୍ଦ୍ର ଦାସ, କୈଳାସ ଦାସ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ କହିଛନ୍ତି, ଏତେ ଲମ୍ବା ରାସ୍ତା ନିର୍ମାଣ ପାଇଁ ଅର୍ଥ ଅଭାବ। ବିଧାୟକ କିମ୍ବା ଏମ୍‌ପିଙ୍କ ପାଣ୍ଠିରୁ ଅନୁଦାନରେ ଉକ୍ତ ରାସ୍ତା ନିର୍ମାଣ ସକାଶେ ଚେଷ୍ଟା କରାଯାଉଛି।

# ମେଲାଣି ନେଲେ ମା' ଦୁର୍ଗା



**ଭଦ୍ରକ ଅଫିସ, ୯।୧୦**

ଭଦ୍ରକ ସହରର ବିଭିନ୍ନ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା ବୁଧବାର ମେଲାଣି ନେଇଛନ୍ତି। ପାରମ୍ପରିକ ବାଦ୍ୟ ବାଜଣା ଓ ଡିଜେର ଧୁମ୍‌ରେ ମା'ଙ୍କୁ ବିଦାୟ ଦିଆଯାଇଛି। ସହରର ପ୍ରମୁଖ ମେଢ଼ଗୁଡିକ ରାଜଘାଟସ୍ଥିତ ସାଳନ୍ଦୀ ନଦୀ ଓ ଚରମ୍ପା ଅଞ୍ଚଳର ମେଢଗୁଡ଼ିକ ଚରମ୍ପା ଧାମରା ଲେଭଲ କ୍ରସିଂ ନିକଟରେ ବିସର୍ଜନ କରାଯାଇଛି। ଚଳିତବର୍ଷ ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯାଇ ନ ଥିବାରୁ ପୂଜା କମିଟି କର୍ତ୍ତୃପକ୍ଷଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଲୋକେ ବାଧହୋଇ ସାଳନ୍ଦୀ ନଦୀରେ ମା'ଙ୍କୁ ବିସର୍ଜନ କରିଥିଲେ। ଫଳରେ ନଦୀ ପ୍ରଦୂଷିତ ହୋଇଥିବା ଦେଖିବାକୁ ମିଳିଥିଲା।

# ମୃତ୍ୟୁ ପାଖରେ ହାରିଗଲେ ମୃତ୍ୟୁଞ୍ଜୟ

**ବନ୍ତ, ୯।୧୦ (ସ୍ୱ.ପ୍ର.)**

ପରିବାର ଲୋକେ ଶ୍ରଦ୍ଧାରେ ପୁଅର ନାମ ରଖିଥିଲେ ମୃତ୍ୟୁଞ୍ଜୟ। ଜଣେ ଉଦୀୟମାନ ଯୁବକ ଭାବେ ଗାଁରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହିବା ସହ ସିଟି ଏବଂ ଓଟିଇଟି ପାସ୍ କରି ଚାକିରିକୁ ଅପେକ୍ଷା କରିଥିଲେ ମୃତ୍ୟୁଞ୍ଜୟ। ହେଲେ ବିଧିର ବିଧାନ ଥିଲା ଅଲଗା। ମାତ୍ର ୨୫ ବର୍ଷ ବୟସରେ ବିଜୟା ଦଶମୀରେ ମଙ୍ଗଳବାର ସକାଳେ ତାଙ୍କର ଅକାଳ ମୃତ୍ୟୁ ଘଟିଲା। ଏପରି ଏକ ଦୁଃଖଦ ଘଟଣା ଘଟିଛି ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଗିରିଧାରୀ ନଗର ଗ୍ରାମରେ। ଏହି ଗାଁର ଜନାର୍ଦ୍ଦନ ଜେନାଙ୍କ ଏକମାତ୍ର ପୁଅ ଥିଲେ ମୃତ୍ୟୁଞ୍ଜୟ। ୩/୪ ଦିନ ତଳେ ତାଙ୍କୁ ଜ୍ୱର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସୋମବାର ରାତିରେ ପୁଣି ଜ୍ୱର ହେବା ସହିତ ଝାଡ଼ା ହୋଇଥିଲା। ମଙ୍ଗଳବାର ସକାଳେ ହଠାତ୍ ଅଚେତ ହୋଇଯିବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶହ ଶହ ଲୋକ ରୁଣ୍ଡ ହେବା ସହିତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଅପରାହ୍ନରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା ପରେ ସଂସ୍କାର କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ରାବଣପୋଡ଼ି

**ଆରଡି, ୯।୧୦ (ଡି.ଏନ.ଏ.)**

ଆରଡ଼ି ନିକଟସ୍ଥ ମଠଡିହଠାରେ ୧୫ତମ ରାବଣ ପୋଡ଼ି ଉତ୍ସବ



ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମିହିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କହ୍ନେଇ ଚରଣ ବିଳାସ, ରାବଣ ପୋଡ଼ି ସମ୍ପାଦନା ମଣ୍ଡଳୀ ସଦସ୍ୟ କିଶୋର ନାୟକ, ଦୀପ୍ତିରଞ୍ଜନ ନାୟକ, ଆଦିକନ୍ଦ ବେହୁରିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ରାବଣପୋଡ଼ି ଉତ୍ସବର ଗୁରୁତ୍ୱ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ସଭା ପରେ ଆତସବାଜିରେ ମଠଡିହ ଆକାଶ ରଙ୍ଗିନ ହୋଇଯାଇଥିଲା। ଭଦ୍ରକ ଜିଲାର ପ୍ରସିଦ୍ଧ ବମକୁରା ବାଣ ଏଠାରେ ପ୍ରଦର୍ଶିତ ହୋଇଥିଲା। ଶେଷରେ ସୁନ୍ଦରପୁର ସରପଞ୍ଚ ରାବଣ ଶରୀରରେ ଅଗ୍ନି ସଂଯୋଗ କରିଥିଲେ। ଆଖପାଖ ୧୦ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ଥିଲେ। ସେହିପରି ବଡ଼ଓଲଗଠାରେ ମଧ୍ୟ ରାବଣ ପୋଡ଼ି ଉତ୍ସବ ସମାପନ ହୋଇଯାଇଛି। ଗାଁର ମହାପାତ୍ର ବଂଶର ଦାୟାଦମାନେ ରାବଣ ପୋଡ଼ିର ଆୟୋଜନ କରିଥିଲେ। ଏହି ବଂଶର ବିଶ୍ୱମ୍ଭର ନାୟକ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ରାବଣ ପୋଡ଼ି ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

**ବାସୁଦେବପୁର,(ଡି.ଏନ.ଏ.):** ବାସୁଦେବପୁରର ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ଶକ୍ତିପୀଠ ମା' ଆଙ୍କୁଡେଶ୍ୱରୀଙ୍କ ପୀଠ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ଜିଲାପରିଷଦ ସଭ୍ୟଙ୍କ ପ୍ରତିନିଧି ଭାଗୀରଥି ବଳ ଯୋଗଦେଇ ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ। ଏହି ରାବଣ ପୋଡ଼ି ଉତ୍ସବରେ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ଥିବା ଖରାପ ଗୁଣ ପରିତ୍ୟାଗ କରିବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ବିନାୟକପୁର ସରପଞ୍ଚ ନିରଞ୍ଜନ ବଳ, ସମିତିସଭ୍ୟ ସୁଶାନ୍ତ ଦାସ, ଅଧ୍ୟାପକ ଲକ୍ଷ୍ମଣ ବାରିକ, ମନ୍ଦିର ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇ ବୟୋଜ୍ୟେଷ୍ଠ ପୂଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ରାହ୍ମଣଗାଁ, ଅଲବଗା, ବାଲିନଗର, ଯାଦବପଡ଼ିଆ, ଭୈରବପୁର ଓ ବାରାପୁରରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା।

**ପଦ୍ମପୁର, (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଅଲବଗାଠାରେ ରାବଣପୋଡ଼ି ଉତ୍ସବରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ଥାନାଧିକାରୀ ଇନ୍‌ସପେକ୍ଟର ମଧୁସ୍ମିତା ମହାନ୍ତି ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ପାରମ୍ପରିକ ପୂଜା ପରେ ବାଣ, ବାଜା, ରୋଷଣି ସହ ୬୦ ଫୁଟ ଲମ୍ବର ବିଶାଳକାୟ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରାଯାଇଥିଲା। ପୂଜା କମିଟି ସଭାପତି କମଳାକାନ୍ତ ପାଢୀ, ସମ୍ପାଦକ ଅଲେଖ ସାହୁ, ବିଷ୍ଣୁମୋହନ



ସାହୁ, ଉତ୍କଳ କେଶରୀ ପାଢୀ, ପ୍ରଭାତ ବାରିକ ପ୍ରମୁଖ ସହାୟତା କରିଥିଲେ। ପଦ୍ମପୁର ଏଡ଼ତାଳ ବ୍ରାହ୍ମଣୀଗାଁ, ସୁଗୋ, ଲୁଙ୍ଗା, ଗୁଆଗଡିଆ, ଅରଣ୍ଡୁଆ ଓ ବାସୁଦେବପୁର ଅଞ୍ଚଳର ହଜାର ହଜାର ଲୋକ ଉପସ୍ଥିତ ଥିଲେ। ସେହିପରି ଭଦ୍ରକ ବ୍ଲକ ସାବରଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ରାବଣ ପୋଡ଼ି କମିଟି ପକ୍ଷରୁ ଉତ୍ସବର ଆୟୋଜନ କରାଯାଇଥିଲା। ସାବରଙ୍ଗ ସରପଞ୍ଚ ରଞ୍ଜିତା ମହାପାତ୍ର, ସମିତିସଭ୍ୟା ରଞ୍ଜିତା ମଲ୍ଲିକ, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ ଓ ପ୍ରଫେସର ଅନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲାଲାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ର ପରିଚାଳନା କରିଥିଲେ।

# 'ସେବାର ପ୍ରତୀକ ଥିଲେ ଉତ୍କଳମଣି'

**ବାସୁଦେବପୁର, ୯।୧୦ (ଡି.ଏନ.ଏ.)**

ବାସୁଦେବପୁର ବେତଡ଼ାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଗୋପବନ୍ଧୁ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲେଖକ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ସେବାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ସୁବକ୍ତା ଦୟାନିଧି ମିଶ୍ର, ବୈଲୋଚନ ସାହୁ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ଅଧ୍ୟାପିକା କାନ୍ତାରାଣୀ ଦାସ। ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଛାତ୍ରୀଛାତ୍ର ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବେତଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାମ୍ନା ପଡ଼ିଆରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଉତ୍କଳମଣି ଜୟନ୍ତୀ କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କମିଟି ସଭାପତି ଡ. ରଘୁନାଥ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ମହାନ୍ତି, ଗୟାଧର ହୋତା, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶ୍ରୀକାନ୍ତ ପଣ୍ଡା, ଭାଗୀରଥି ମହନୀ, ପ୍ରଦୀପ୍ତ ମହାନ୍ତି, କବି ରତ୍ନାକର ପଣ୍ଡାଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଭଦ୍ରକ ଅଫିସ, ୯।୧୦**

ଭଦ୍ରକ ସୋସିଆଲ ସର୍ଭିସ୍ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବୁଧବାର ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଛି। ସଙ୍ଗଠନର କର୍ମକର୍ତ୍ତା ଭଦ୍ରକ କୋର୍ଟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଙ୍ଗଠନର ମୁଖ୍ୟ ସଞ୍ଜିତ୍ ନାୟକ, ପ୍ରକାଶ ସ୍ୱାଇଁ, ମନୋଜ କର, ସନ୍ତୋଷ ବେହେରା, ଜ୍ୟୋତିରଞ୍ଜନ ନାୟକ, ଦୀପ୍ତିମୟ ତ୍ରିପାଠୀ ପ୍ରମୁଖ ଧୂପ ଦୀପ ପୁଷ୍ପ ଅର୍ପଣ କରିଥିଲେ। ସଙ୍ଗଠନ ଆଗାମୀ ଦିନରେ ଆହୁରି ଜନହିତକର କାର୍ଯ୍ୟ କରିବା ପାଇଁ ସମସ୍ତ ସଦସ୍ୟ ଶପଥ ନେଇଥିଲେ।

# 'ମାନସ ଥିଲେ ଲୋକଦରଦୀ ନେତା'

**ଧାମନଗର, ୯।୧୦ (ଡି.ଏନ.ଏ.)**

ଧାମନଗର ବ୍ଲକ ହସନାବାଦସ୍ଥିତ ଗୋପବନ୍ଧୁ ନଗର ବିଦ୍ୟାଳୟ ନିକଟ ହସନାବାଦ ଖେଳପଡ଼ିଆରେ ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ୭ମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ମେଳା ହୋଇଥିଲା। ଆଖପାଖ ଅଞ୍ଚଳରୁ ୬ଶହ ରୋଗୀଙ୍କୁ ଚିକିତ୍ସା କରାଯିବା ସହ ଔଷଧ ବିତରଣ କରାଯାଇଥିଲା। ଧାମନଗର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଦାସଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଳ ସମ୍ପଦ ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଏବଂ ସମ୍ମାନିତ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଶିଷ୍ଟ ସାହିତ୍ୟିକ ସୁଧାକର ନନ୍ଦ, ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ବିନୋଦ ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ଓ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜନନେତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ଦେହାନ୍ତ ପରେ ଜ୍ୟେଷ୍ଠପୁତ୍ର ମାନସ ଧାମନଗର ନିର୍ବାଚନମଣ୍ଡଳୀରେ ପ୍ରଥମ ବିଧାୟକ ହୋଇଥିଲେ। ମହାବାତ୍ୟା ସମୟରେ ନିର୍ବାଚନମଣ୍ଡଳୀରେ ଏକ ଡଙ୍ଗା ଦ୍ୱାରା ଘର ଘର ବୁଲି ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ପ୍ରଦାନ ତାଙ୍କୁ ଜଣେ ଦରଦୀ ନେତାର ପରିଚୟ ଦେଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ପ୍ରଦୀପ ମଲ୍ଲିକ ଓ ଅମିତ ମଲ୍ଲିକଙ୍କ ପରିଚାଳନାରେ ସ୍ୱାସ୍ଥ୍ୟମେଳାରେ ସେବା ଯୋଗାଇ ଦେଇଥିବା ସମସ୍ତ ଡାକ୍ତରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ପ୍ରଦୀପମଲ୍ଲିକଧନ୍ୟବାଦଅର୍ପଣକରିଥିଲେ।



ସ୍ମୃତିସଭାରେ ଅନ୍ୟ ଅତିଥିଙ୍କ ଗହଣରେ ମନ୍ତ୍ରୀ ରଘୁନନ୍ଦନ ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଅନିୟମିତତା ପ୍ରତିବାଦରେ ଅନଶନ

**ବନ୍ତ, ୯।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ପ୍ରଦାନରେ ବ୍ୟାପକ ଅନିୟମିତତା, ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଇ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ଗୃହ ପ୍ରଦାନ, ବ୍ୟକ୍ତିଗତ ଜାଗାରେ କଂକ୍ରିଟ୍ ରାସ୍ତା ନିର୍ମାଣ, ଏସ୍‌ଇସିସି ତାଲିକାରେ ଗରିବ ଲୋକଙ୍କୁ ବାଦ୍ ଦିଆଯାଇ ଅନୁପଯୁକ୍ତ ଲୋକଙ୍କୁ ତାଲିକାରେ ସଂଯୁକ୍ତ କରିବା, ସାମାଜିକ ସୁରକ୍ଷା ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟରେ ଉଦ୍ଦେଶ୍ୟମୂଳକ ଭାବେ ଗରିବ ଲୋକଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାରଠାରୁ ସିପିଆଇର ବନ୍ତ ଜୋନ୍ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି।

ପ୍ରାରମ୍ଭରେ ବନ୍ତ ଥାନା ଛକସ୍ଥିତ ସିପିଆଇ କାର୍ଯ୍ୟାଳୟଠାରୁ ଶତାଧିକ ସାଥୀ ସମର୍ଥକ ହାତରେ ବ୍ୟାନର, ପତାକା ଧରି ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନକାରୀ ଓ ଅନ୍ୟମାନେ।

ସଭାରେ ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇ ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳ ପ୍ରଶାସନିକ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ବିରୋଧରେ ବକ୍ତବ୍ୟ ରଖିଥିଲେ। ଗୌରାଙ୍ଗ ସାହୁ, ସୁରେନ୍ଦ୍ର ବାରିକ, ରାଜକିଶୋର ଜେନା, ମାୟାଧର ସାହୁ, ତପନ ଜେନା ଓ ଗୁଣବନ୍ଧୁ ଜେନା ଅନଶନରେ ବସିଥିବା ବେଳେ ସେମାନଙ୍କୁ ସମର୍ଥନ କରି ବହୁ ସାଥୀ ସମର୍ଥକ ଅନଶନ ସ୍ଥଳରେ ଉପସ୍ଥିତ ରହିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ଶୋଭାଯାତ୍ରା, ଅନଶନରେ ଜୟନ୍ତ ଜେନା, ମାର୍କଣ୍ଡ ବାରିକ, ପବିତ୍ର ସେଠୀ, ସନାତନ ସାହୁ, ଅଭିମନ୍ୟୁ ଜେନା, ହଳଧର ସ୍ୱାଇଁ, କିଶୋର ବିଶ୍ୱାଳ, କିଶୋର ବେହେରା, ମନ୍ଦାକିନୀ ସ୍ୱାଇଁ, ଅହଲ୍ୟା ମହାକୁଡ଼, ଉଷାରାଣୀ ବେହେରା, ସ୍ୱର୍ଣ୍ଣଲତା ଖିଲାର, ରବୀନ୍ଦ୍ର ତରେଇ, ନୃସିଂହ ଦାସ, ପର୍ଶୁରାମ ସ୍ୱାଇଁ, ଉମାକାନ୍ତ ମହାପାତ୍ର, କୈଳାସ ଜେନା, ସେଖ୍ ସମୁ ପ୍ରମୁଖ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ଚୋରା ବାଲି ବୋଝେଇ ଟ୍ରାକ୍ଟର ଧରି ଛାଡ଼ିଦେଲେ

**ଭଣ୍ଡାରିପୋଖରୀ, ୯।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ତହସିଲ ଅଧୀନ ବାଲିପୋଖରୀ ଏସ୍କେପ୍, କଣ୍ଟିଘାଇ ନିକଟ, ମଣିନାଥପୁର ବୈତରଣୀ ନଦୀ ଘାଟରୁ ଖୋଲାଖୋଲି ଭାବେ ଚୋରାରେ ବାଲି ଉତ୍ତୋଳନ କରାଯାଉଛି। ଏହାକୁ ରୋକିବା ଦିଗରେ ତହସିଲ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପୋଲିସର ତିଳେ ମାତ୍ର ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଦୈନନ୍ଦିନ ଉକ୍ତ ଘାଟରୁ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରାଯାଉଛି। ଏପରିକି ଗେଙ୍ଗୁଟି ନଦୀ ପଠା ଅଞ୍ଚଳରୁ ବାଲି ମାଫିଆମାନେ ଜେସିବି ଲଗାଇ ତାଡ଼ି ନେଉଥିବା ନେଇ ପୋଲିସ କିମ୍ବା ତହସିଲ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ନୀରବ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ମଙ୍ଗଳବାର ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ମଣିନାଥପୁର ରାସ୍ତାରୁ ଏକ ନମ୍ବର ବିହୀନ ବାଲି ଟ୍ରାକ୍ଟରକୁ ଅଟକା ଯାଇଥିଲା। ପୋଲିସ ସହିତ ଯୋଗାଯୋଗ ସମ୍ଭବ ନ ହେବାରୁ ଟ୍ରାକ୍ଟର ଫଟୋ ଉଠାଇ ମାଲିକ ନାମ ବୁଝି ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ଗାଡ଼ି ମାଲିକଙ୍କୁ ଜଣାଯାଇଛି ଜରିମାନା ଦାଖଲ ନ କଲେ ତାଙ୍କ ନାମରେ କେଶ୍ ହେବ ବୋଲି ତହସିଲ ପକ୍ଷରୁ କୁହାଯାଇଛି।

### ଲାଖବିନ୍ଧା ପ୍ରତିଯୋଗିତା

**ବନ୍ତ, ୯।୧୦ (ଡି.ଏନ.ଏ.):** ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଲାଖବିନ୍ଧା ପ୍ରତିଯୋଗିତା ଓ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଧାନପଡ଼ା ପଞ୍ଚାୟତ ମାଳତୀରାଠାରେ ଏହି ଉତ୍ସବ ଦୀର୍ଘବର୍ଷ ଧରି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ୨୦ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ତରାପୁର ଗ୍ରାମର ତ୍ରିଲୋଚନ ଜେନା ବିଜୟୀ ହୋଇଥିଲେ। ବନ୍ତ ଥାନାଧିକାରୀ ମିନା ବିନ୍ଧାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସରପଞ୍ଚ ସେକ୍ ମୁସ୍ତାକ୍ ଅଲ୍ଲୀ ଖାଁ, ପୂର୍ବତନ ସରପଞ୍ଚ ଅଜୟ ବେହେରା ଓ ମାଳତୀରା ଦୁର୍ଗାପୂଜା କମିଟି ସମ୍ପାଦକ ସୁଧାଂଶୁ ଶେଖର ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଧାନପଡ଼ା ଓ ମାଳତୀରା ଗ୍ରାମବାସୀ ସହଯୋଗ କରିଥିଲେ। ଦର୍ଶକମାନଙ୍କ ଭିଡ଼କୁ ଲକ୍ଷ୍ୟ କରି ବନ୍ତ ଥାନା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା।

### ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ବାସୁଦେବପୁର, ୯।୧୦ (ଡି.ଏନ.ଏ.):** ବାସୁଦେବପୁର ଜାଫରପୁରସ୍ଥିତ ବିଦ୍ୟୁତ୍ ମାର୍ଗ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଳନ ଅବସରରେ ଆଧ୍ୟାତ୍ମିକ ଦିବ୍ୟ ପ୍ରବଚନ ଓ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ସ୍ୱାମୀ ମୁକୁନ୍ଦ କୃଷ୍ଣ ମହାରାଜ ପ୍ରବଚନ ଦେଇଥିଲେ। ମା' ଦୁର୍ଗାଙ୍କ ମାହାତ୍ମ୍ୟ ସହିତ ଧର୍ମଜ୍ଞାନ ସମ୍ବନ୍ଧରେ ସେ ପ୍ରବଚନ ଦେଇଥିଲେ। ସେହିପରି ପୂଜା ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ପାଲାକାର ବିଦ୍ୟାଧର ପଣ୍ଡା ସହଯୋଗୀଙ୍କୁ ଧରି ପାଲା ପରିବେଷଣ କରିଥିଲେ।

### ତୀରମରା କୌଶଳ ପ୍ରଦର୍ଶନ

**ଆରଡ଼ି, ୯।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଓଲଗରେ ମଙ୍ଗଳବାର ଅପରାହ୍ନରେ ମା' ଦୁର୍ଗତିନାଶିନୀଙ୍କୁ ବିଦାୟ ଦିଆଯାଇଛି। ପରେ ଉଭୟ ସାନଓଲଗ ଓ ବଡ଼ଓଲଗର କ୍ଷତ୍ରୀୟ ସମ୍ପ୍ରଦାୟର ଯୁବକମାନେ ପରମ୍ପରା ଅନୁସାରେ ଅନୁକୂଳ କରି ଅମୃତମଣୋହୀଠାରେ ଥିବା ଦଶହରା ପଡ଼ିଆକୁ ଯାତ୍ରା କରିଥିଲେ। ସେଠାରେ ଉଭୟ ଗୋଷ୍ଠୀ ବୀରତ୍ୱ ପ୍ରଦର୍ଶନ ପୂର୍ବକ ବନ୍ଧୁତ୍ୱପୂର୍ଣ୍ଣ ଭାବେ ତୀରମରା କୌଶଳ ପ୍ରଦର୍ଶନ କରିଥିଲେ। ୧୦୦ ମିଟର ବ୍ୟବଧାନରେ ପୋତା ଯାଇଥିବା ଏକ କଦଳୀ ଗଛକୁ ଲକ୍ଷ୍ୟ କରି ଉଭୟ ଗୋଷ୍ଠୀର ଯୁବକ ତୀର ମାରିଥିଲେ। ପ୍ରାୟ ୧୫ ମିନିଟ ମଧ୍ୟରେ ସାନଓଲଗର ମିଥୁନ ନାୟକଙ୍କ ତୀର ଲକ୍ଷ୍ୟ ଭେଦ କରିଥିଲା। ୪ ଶହ ବର୍ଷର ଏହି ପାରମ୍ପରିକ ତୀରମରା ଦେଖିବାକୁ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲାର ହଜାର ହଜାର ଲୋକ ଦଶହରା ପଡ଼ିଆ ନିକଟରେ ରୁଣ୍ଡ ହୋଇଥିଲେ। ତୀରମରା ପର୍ବ ସରିବା ପରେ ଉଭୟ ଗୋଷ୍ଠୀର ଯୁବକ ପରସ୍ପରକୁ ଆଲିଙ୍ଗନ କରି ଭାଇଚାରା ରକ୍ଷା କରିଥିଲେ। ପ୍ରତିଯୋଗିତା ପରେ ଦଶହରା ପଡ଼ିଆରେ ବାଡ଼ିଖେଳ ଓ ଖଣ୍ଡାଖେଳ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଦର୍ଶକମାନେ ଏହାକୁ ମନଭରି ଉପଭୋଗ କରିଥିଲେ।

# ଦାସିଆ ନୃତ୍ୟରେ ଝୁମିଲେ ଆଦିବାସୀ

**କେନ୍ଦୁଝର, ୯।୧୦ (ସ୍ୱ.ପ୍ର.)**


ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ।

ସାଧାରଣତଃ ଦଶହରା ବା ଦୁର୍ଗା ପୂଜାକୁ ଅନେକ ସ୍ଥାନରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମର୍ତ୍ତି ନିର୍ମାଣ କରି ଏବଂ ପୂଜାମଣ୍ଡପ ସାଜସଜା କରି ପାଳନ କରିଥାନ୍ତି। ଏହି ଦିନରେ ଦେବୀ ଦୁର୍ଗାଙ୍କୁ ଆବାହନ କରି ପୂଜାର୍ଚ୍ଚନା କରି ବେଶ ଧୂମଧାମରେ ପାଳନ କରିଥାନ୍ତି। ତେବେ ଏହି ପର୍ବକୁ ମୁଣ୍ଡା ଓ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀ ମାନେ ଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି। ଏହି ଦିନରେ ସେମାନେ ପାରମ୍ପରିକ ଦାସିଆ ନୃତ୍ୟଗୀତ ଓ ପର୍ବ ପାଳନ କରିଥାନ୍ତି। ବହୁ ପୁରାତନ ଏହି ସଂସ୍କୃତିକୁ ଏବେ ମଧ୍ୟ ଆଧୁନିକତାର ଚାକଚକ୍ୟ ସତ୍ତ୍ୱେ ଅନେକ ସ୍ଥାନରେ ବଜାୟ ରଖିଛନ୍ତି।

ନବରାତ୍ରର ପ୍ରଥମ ଦିନରୁ ଆଦିବାସୀ ମାନେ ବିଭିନ୍ନ ପ୍ରକାରର ରଙ୍ଗରେ ରଙ୍ଗେଇ ଓ ପାରମ୍ପାରିକ ପୋଷାକରେ ସୁସଜ୍ଜିତ ହୋଇ ଦାସିଆ ନୃତ୍ୟ ଗୀତର ତାଳେ ତାଳେ ନାଚି ଗାଇ ଗାଁ ଗାଁ ଓ ସହର ସହର ବୁଲିଥାନ୍ତି। ପୁରୁଷ ମାନେ ମହିଳା ସଦୃଶ୍ୟ ପୋଷାକ ସହ ବିଭିନ୍ନ ପ୍ରକାରର ପଶୁ/ପକ୍ଷୀ ବେଶରେ ସୁସଜ୍ଜିତ ହାଇଥାନ୍ତି। ହାତରେ ପାରମ୍ପରିକ ଲାଉ ତୁମ୍ବା, ଢୋଲ, ପିତ୍ତଳ ଥାଳି ଆଦି ବାଦ୍ୟଯନ୍ତ୍ର, ବାଡ଼ି, ଧନୁଶର ଆଦି ଧରି ନୃତ୍ୟ କରିଥାନ୍ତି। ବିଜୟା ଦଶମୀ ପୂର୍ବ ଦିନ ଗ୍ରାମର ପୂଜକ ମାଟି ପୂଜନ କରିଥାନ୍ତି। ବିଧି ମୁତାବକ ମାଟିରେ ତୁଳସୀ ଚଉରା କରି ଗ୍ରାମ ଦେବୀଙ୍କୁ ଆବାହନ କରିଥାନ୍ତି। ପୂଜା ପରେ ଗ୍ରାମରେ ଭୋଜିଭାତର ଆୟୋଜନ ହୋଇଥାଏ । ଏହାକୁ ବଞ୍ଚାଇ ରଖିବାକୁ ୧୦ ଦିନ ଆଗରୁ ଗାଁ ଗାଁ ବୁଲି ମାଜଣା କରିଥାନ୍ତି। ସାତଟି ଗ୍ରାମ ବୁଲି ଯାହା କିଛି ଦାନ ସଂଗ୍ରହ କରିଥାନ୍ତି ସେଥିରେ ଦଶହରା ଦିନ ଗ୍ରାମରେ ପୂଜାର୍ଚ୍ଚନା କରିବା ସହ ଏକାଠି ଭୋଜିଭାତ କରି ପର୍ବ ପାଳନ କରିଥାନ୍ତି ବୋଲି ସେମାନେ କହିଛନ୍ତି। ଏହି ଭାଇଚାରାର ପର୍ବ ଗ୍ରାମରେ ଏକତା ରକ୍ଷା କରିବା ସହ ଗ୍ରାମବାସୀ ବ୍ୟାଧିମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ଦିନରେ ମାନସିକ ରଖି ବା ମାନସିକ ପୂରଣ ଖୁସିରେ ଅନେକ ସାମିଲ ହୋଇଥାନ୍ତି।

# ତାଳପଦା ଦୁର୍ଗାପୂଜା କମିଟିର ୭୫ ବର୍ଷ ପୂର୍ତ୍ତି ଉତ୍ସବ

**ବଡ଼ସାହି,୯।୧୦(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ତାଳପଦା ଦୁର୍ଗାକମିଟି ଆନୁକୂଲ୍ୟରେ ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବଲି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଜୁବଲିକୁ ଉଦଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ମହେଶ୍ୱର ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ରାଜକିଶୋର ଆଚାର୍ଯ୍ୟ, ସୁନୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟି ପକ୍ଷରୁ ଶାନ୍ତଶୃଙ୍ଖଳାର ସହ ପୂଜା କାର୍ଯ୍ୟ ଯଥାବିଧି ଅନୁଯାୟୀ ଅନୁଷ୍ଠିତ ହୋଇଛି । ମେଳା ପଡିଆରେ ପଲିଥିନ ମୁକ୍ତ ଓ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ବାଲେଶ୍ୱର ଏମପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ମେଳା ପରିଦର୍ଶନରେ ଆସି ଥିଲେ। ରାବଣପୋଡି ଉତ୍ସବରେ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ।



ପ୍ଲାଟିନମ ଜୁବୁଲୀରେ ଉପସ୍ଥିତ ଅତିଥିବୃନ୍ଦ।

## ■ ଗୋପବନ୍ଧୁ ସେବା ସଂଘର ବାର୍ଷିକ ଉତ୍ସବ

# ସେବା, ପରୋପକାର ପ୍ରକୃତ ମାନବ ଧର୍ମ

**ତିହିଡ଼ି, ୯।୧୦ (ଡି.ଏନ.ଏ.)**



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ତିହିଡ଼ି ବ୍ଲକର ଗୋପବନ୍ଧୁ ସେବା ସଂଘର ୭ମ ବାର୍ଷିକ ଉତ୍ସବ ଓ ଗୋପବନ୍ଧୁ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ତିହିଡ଼ି ଟାଉନ ହଲ୍‌ରେ ଆୟୋଜିତ ସଭାରେ ସାମାଜିକ କର୍ମୀ ସଚିକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ଯୋଗଦେଇ ସେବା ଓ ପରୋପକାର ପ୍ରକୃତ ମାନବ ଧର୍ମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଓ ସମ୍ମାନିତ ଅତିଥି ଭାବେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, କବି ବସନ୍ତ ଦାସ ଗୋପବନ୍ଧୁ ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ରାମନାରାୟଣ ନାୟକ ଅତିଥି ପରିଚୟ ଓ ସଂଘର ସଭାପତି ରାଜୀବ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ନିର୍ମଳ ଦଳାଇ ବିବରଣୀ ପାଠ କରିଥିଲେ। ଗାଳ୍ପିକ ମୁକ୍ତିକାନ୍ତ ନାୟକ ଓ ମନୋଜ ବିଶ୍ୱାଳ ବକ୍ତବ୍ୟ ଦେଇଥିବା ବେଳେ କବି ଗୋଲକ ପ୍ରସାଦ ବୈୟାରୀ ଓ ଗୀତାଞ୍ଜଳି ନାୟକ କବିତା ପାଠ କରିଥିଲେ। ସୀତାକାନ୍ତ ମହାରାଜ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୀର ଗ୍ରୀନ୍ ପାରିକୁଦ, ନୟାଗଡ଼ର ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍, ଭୁବନେଶ୍ୱରର ପିପୁଲ ଫର୍ ସେବା, ଭଦ୍ରକର ହେଲ୍‌ପିଙ୍ଗ ହ୍ୟାଣ୍ଡ, ଧୂଷୁରୀର ନବଜୀବନ ଫାଉଣ୍ଡେଶନ ସମେତ ୧୦ଟି ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦର୍ଶନ ନାୟକ ଏବଂ ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ସେକ୍ ଲିଆକତ, ଅଭିରାମ ଦାସ, ସୁକାନ୍ତ ଜେନା, ଗଦାଧର ତ୍ରିପାଠୀ, ଦାନବୀର ବାରିକ, ଧର୍ମାନନ୍ଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗାଁ ବୁଲି ଲୋକଙ୍କୁ ଭେଟିଲେ

**ବନ୍ତ, ୯।୧୦ (ଡି.ଏନ.ଏ.)**

ବନ୍ତ ବ୍ଲକ ନିଳୋକ ପଞ୍ଚାୟତରେ ବିଜେଡି ନେତା ଓ କର୍ମୀମାନେ ଗାଁ ଗାଁ ବୁଲି ଲୋକଙ୍କୁ ଭେଟି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ନିଳୋକ, ଘରପଦା ପରିକ୍ରମା କରି ଦୋଳପଦୀ ଗ୍ରାମରେ ଶେଷ ହୋଇଥିଲା । ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ପୂର୍ବତନ ଯୁବ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ଅଶୋକ ମହାନ୍ତି, ସନ୍ତୋଷ କୁମାର ବାରିକ, ସମୀମ୍ ନୱାଜ୍, ବାଇଧର ରାଜ, ଲୁଲୁ ସାହୁ, ନକୁଳ ଖିଲାର, ପର୍ଶୁରାମ ବାରିକ, ନବକିଶୋର ଜେନା, ଯଦୁନାଥ ନାୟକ, ସୁବାସ ଲେଙ୍କା ପ୍ରମୁଖ ପଦଯାତ୍ରାରେ ଯୋଗ ଦେଇଥିଲେ।

# ବହଳଦା କିଚକେଶ୍ୱରୀଙ୍କ ଶାରଦୀୟ ପୂଜା

**ବହଳଦା,୯।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ଅନ୍ୟତମ ଶକ୍ତିପୀଠ ବହଳଦା ମା' କିଚକେଶ୍ୱରୀ ମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏଥି ପାଇଁ ସମଗ୍ର ବହଳଦା ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ମନ୍ଦିର ସମେତ ବହଳଦା ବଜାରକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମଙ୍ଗଳବାର ପୂର୍ଣ୍ଣାହୂତି ପରେ ସନ୍ଧ୍ୟାରେ ଆକର୍ଷଣୀୟ ଦିଗବିଜୟ ଯାତ୍ରା ଆରମ୍ଭ ହୋଇଥିଲା। ମନ୍ଦିରରୁ ଏକ ବିରାଟ ପଟୁଆରରେ ବାଜା ରୋଷଣୀ ସହ ଶତାଧିକ ମହିଳା ପୁରଷ ପରସ୍ପରକୁ ଅବିର ବୋଳି ମା'ଙ୍କୁ ବିଦାୟ ଦେଇଥିଲେ । ପାରମ୍ପରିକ ପୂଜା ସହ ପ୍ରତ୍ୟେକ ଦିନ ମା'ଙ୍କ ପାଖରେ ଶ୍ରଦ୍ଧାଳୁଙ୍କ ନାମରେ ସାମୁହିକ ହୋମ, ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ଭଜନସନ୍ଧ୍ୟା, ଅର୍କେଷ୍ଟ୍ରା, ଡ୍ୟାନ୍ସ ଧମାକା, ଗରବାନୃତ୍ୟ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଉପଜିଲାପାଳ ଧର୍ମାନନ୍ଦ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନବ ଚରଣ ମାଝୀ, ଏସଡିପିଓ ଅମୂଲ୍ୟ ଧର, ସିଡିଏମଓ ଡ. ପ୍ରଦୀପ କୁମାର ମହାପାତ୍ର, ଏସଡିଏମଓ ଡ.ଛତିଶ ମହାନ୍ତ ପ୍ରମୁଖ ମା'ଙ୍କ ଦର୍ଶନ କରିଥିଲେ ।

# ମେଡିକାଲରେ ଅକ୍ସିଜେନ୍ ସିଲିଣ୍ଡର ଲିକ୍

**ଚାନ୍ଦବାଲି, ୯।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ମଧ୍ୟାହ୍ନରେ ଅକ୍ସିଜେନ୍ ସିଲିଣ୍ଡର ଲିକ୍ ହେବାକୁ ନେଇ ୱାର୍ଡରେ ରୋଗୀ ମହଲରେ ଆତଙ୍କ ଖେଳିଯାଇଥିଲା। ରୋଗୀମାନଙ୍କ ସହ ମେଡ଼ିକାଲରେ ଉପସ୍ଥିତ ଥିବା କର୍ମଚାରୀ ଓ ଡାକ୍ତରମାନେ ମଧ୍ୟ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ପରେ ଅକ୍ସିଜେନ୍ ସିଲିଣ୍ଡର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀ ସିଲିଣ୍ଡର ବାହାରକୁ ଆଣି ଚାବି ଲକ୍ କରିବାରୁ ଅକ୍ସିଜେନ୍ ବନ୍ଦ ହୋଇଥିଲା। ଏଥିରେ ମେଡିକାଲ ମଧ୍ୟରେ କାହାର କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ତେବେ ଏଭଳି ବେପରୁଆ କାର୍ଯ୍ୟ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଦାୟୀ କରିବା ସହ ନିନ୍ଦା କରିଛନ୍ତି।

# ଗୋପବନ୍ଧୁ ଜୟନ୍ତୀ ପାଳିତ



ଯଶୋଟିକିରିରେ ସମାରୋହରେ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଭଣ୍ଡାରିପୋଖରୀ, ୯।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରିସ୍ଥିତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ଉତ୍କଳମଣି ସ୍ୱାସ୍ଥ୍ୟ ଓ ଶିକ୍ଷା ଟ୍ରଷ୍ଟ ପକ୍ଷରୁ ବୁଧବାର ଗୋପବନ୍ଧୁ ଦାସଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବନମାଳୀ ପୃଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋପବନ୍ଧୁ ଏକାଧାରାରେ ସେବା ଓ ତ୍ୟାଗର ଅନ୍ତିମ ନିଦର୍ଶନ। ମାନବିକ ମୂଲ୍ୟବୋଧର ଅଦ୍ୱିତୀୟ ଧ୍ରୁବତାରା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବିଧାୟକ ପ୍ରଫୁଲ୍ଲ ସାମଲ, ଅନ୍ୟତମ ବକ୍ତା ସାହିତ୍ୟିକ ସ୍ତମ୍ଭକାର ଡ. ବେଣୁଧର ପାଢୀ, ମେଜର ଚିନ୍ତାମଣି ଭାରତୀ, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା, ଗିରୀଶ ବିହାରୀ ମିଶ୍ର ଓ ଗଗନ ସେଠୀ ଯୋଗ ଦେଇଥିଲେ। ପ୍ରାତଃରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ବିଦ୍ୟାଳୟଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦେବା ସହ ଗରିବ, ଅସହାୟ ଓ ଦିବ୍ୟାଙ୍ଗ ଲୋକଙ୍କୁ ବସ୍ତ୍ର ଓ ସହାୟତା ବଣ୍ଟନ କରାଯାଇଥିଲା। ଉତ୍କଳମଣି ସ୍ୱାସ୍ଥ୍ୟ ଓ ଶିକ୍ଷା ଟ୍ରଷ୍ଟର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିହର ବରାଳଙ୍କ ସଞ୍ଚାଳନାରେ ଅଶ୍ୱିନୀ ରଥ ଧନ୍ୟବାଦ ଦେଇଥିଲେ।

ସେହିପରି ବାରିକପୁର ବଜାରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଶିକ୍ଷାବିତ୍ ବୃନ୍ଦାବନ ରାଉଳ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗୌରହରି ସାହୁ, ମନୋଜ ଜେନା, ଦିଲୀପ ପଣ୍ଡା, ଖଗେଶ୍ୱର ଜେନା, ଗୌରାଙ୍ଗ ପତି, ପ୍ରଫୁଲ୍ଲ ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇଥିଲେ। ପୁରୁଷୋତ୍ତମ ଧଳ ଉଦ୍ଦେଶ୍ୟ ଜ୍ଞାପନ ଓ ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରାୟଣ ପୋଥାଳ ଗୋପବନ୍ଧୁଙ୍କ ସ୍ମୃତି ସମ୍ବଳିତ ସଙ୍ଗୀତ ଗାନ କରିଥିଲେ।

### ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

**ଭଦ୍ରକ ଅଫିସ, ୯।୧୦**

ଭଦ୍ରକ ବ୍ଲକ ଅସୁରା ଗ୍ରାମର ତିଶଳପୁର ବିଦ୍ୟାଳୟରେ ୨୦୦୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ଛାତ୍ରୀ ସୁପ୍ରମିତା ଲେଙ୍କାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ମିଳନ ପର୍ବରେ ଗୋପାଳ ଚନ୍ଦ୍ର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ସମାଜସେବୀ ମଦନ ମୋହନ ପରିଡା, ପୂର୍ବତନ ସଭାଧ୍ୟକ୍ଷ ପ୍ରଶାନ୍ତ ଲେଙ୍କା, ରଞ୍ଜନ ଦାସ, ସଭାଧ୍ୟକ୍ଷ ଗୌରୀବଲ୍ଲଭ ପାଢୀ, ଗଜେନ୍ଦ୍ର ପ୍ରସାଦ ନାୟକ, ଚଇନ ବାରିକ, ସିଆର୍‌ସିସି ପ୍ରଶାନ୍ତ ବାରିକ, ଚନ୍ଦ୍ରକାନ୍ତ ଶୁକ୍ଳ, ଶଶୀକାନ୍ତ ବିଶ୍ୱାଳ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଞ୍ଜୟ ଦାସ, ରାଜେଶ ବେହେରା, ଶଶୀକାନ୍ତ ବାରିକ, ରାଜେଶ ସାହାଣୀ, ନରେନ୍ଦ୍ର ଦଳେଇ, ଗୋପାଳ ବାରିକ, ପ୍ରତାପ ପରିଡା, କିଶୋର ସାହାଣୀ ପ୍ରମୁଖ ମଞ୍ଚାସୀନ ଅତିଥି ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ତପସ୍ୱିନୀ କବି, ବନ୍ଦନା ସିଂ, ମୀତାସ୍ମିତା ପରିଡା, ଗୀତାଞ୍ଜଳି ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ନିର୍ମଳ ବେହେରା ଅତିଥି ପରିଚୟ ଦେଇଥିଲେ। ଶେଷରେ ଛାତ୍ର ମନୋରଞ୍ଜନ ବାରିକଙ୍କ ପରିଚାଳନାରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ■ ବୈଦ୍ୟ ସଂଘର ୪ ଦିନିଆ ଶିବିର

# ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

**କୋଷ୍ଠା,୯।୧୦(ଡି.ଏନ୍.ଏ.)**


ସଭାରେ ଉପସ୍ଥିତ ଅତିଥି ଓ ବୈଦ୍ୟ ସଂଘର କର୍ମକର୍ତ୍ତା।

ପାକଟିଆ ଦୁର୍ଗାପୂଜା ମଣ୍ଡପଠାରେ କେଶବ ଚନ୍ଦ୍ର ପାରମ୍ପରିକ ବୈଦ୍ୟ ସଂଘ ତରଫରୁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା କରାଯାଇଥିଲା । ସଂଘର ସଭାପତି ମଧୁସୂଦନ ବାରିକଙ୍କ ତତ୍ତ୍ୱାବଧାନରେ ମିତ୍ରପୁର, ବାଲେଶ୍ୱରର ବୈଦ୍ୟରାଜ ରାଧାକାନ୍ତ ମହାନ୍ତି, କେଉଟୁଣିମାରୀ ଗ୍ରାମର ଭଳଭଦ୍ର ସିଂ, ସୁବୋଧ ମହାନ୍ତ, ନାଉପଦାର କାଳିଚରଣ ସି, ଲୁଣିଆର ଆନନ୍ଦ କୁମାର ଗିରି, ଡିମିଆଁର ରତିକାନ୍ତ ଧଳ ପ୍ରମୁଖ ଶିବିରରେ ଉପସ୍ଥିତ ରହି ବିଭିନ୍ନ ପ୍ରକାର ରୋଗୀମାନଙ୍କୁ ଔଷଧ ବିତରଣ କରିଥିଲେ। ଉଦଯାପନୀ ଦିବସରେ ପାକଟିଆ ସରପଞ୍ଚ ବାସନ୍ତୀ ମୁଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେଉଳି ରେଞ୍ଜ ଅଫିସର ରବିନାରାୟଣ ମହାନ୍ତି, ଶୁଳିଆପଦା ଫରେଷ୍ଟର ବିଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ସମ୍ପାଦକ ତଥା ସମିତି ସଦସ୍ୟ ମୀନକେତନ ସି , ହରେନ୍ଦ୍ର ନାରାୟଣ ସି ପ୍ରମୁଖ ଉପସ୍ଥିତ ଥିଲେ ।

# ବଳଦ ଦୌଡ଼ ପରମ୍ପରା

**ବାସୁଦେବପୁର, ୯।୧୦ (ଡି.ଏନ.ଏ.)**

ବାସୁଦେବପୁର ବ୍ରାହ୍ମଣଗାଁସ୍ଥିତ ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କ ପୀଠରେ ଦଶହରା ସନ୍ଧ୍ୟାରେ ବାସୁଆ ବଳଦ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୫ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଶୈବପୀଠରେ ବଳଦ ଦୌଡ଼ ପରମ୍ପରା ରହିଛି। ପୂର୍ବ ପରମ୍ପରା ଅନୁସାରେ ନିକଟସ୍ଥ ବଙ୍ଗାଳି ପାଟଣା ଗ୍ରାମର ବଙ୍ଗାଳି ସମ୍ପ୍ରଦାୟର ଶୀତିକଣ୍ଠ କଅଁର, ଦାମୋଦର କଅଁର ଦୁଇ ବଳଦଙ୍କୁ ସୁସଜ୍ଜିତ କରି ପୂଜାର୍ଚ୍ଚନା ସାରି ପୀଠକୁ ଆଣିଥିଲେ। ପ୍ରଥମେ ଦୁଇ ବଳଦ ମା' ଦୁର୍ଗାଙ୍କୁ ଦର୍ଶନ କରିବା ପରେ ମହାଦେବଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ମହାଦେବଙ୍କ ଆଜ୍ଞାମାଳ ପାଇବା ପରେ ଦୁଇ ବଳଦଙ୍କୁ ଶ୍ରଦ୍ଧାଳୁ ଦର୍ଶକଙ୍କ ଉପସ୍ଥିତିରେ ୬/୭ ଭେଡା ଦୌଡ଼ିବାକୁ ପଡ଼ିଥିଲା। ଏହି ବଳଦଙ୍କୁ ଛୁଇଁବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ରାଜୀବ ରଞ୍ଜନ ମହାପାତ୍ର, ପ୍ରଶାନ୍ତ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ରାଉତ, ବିଜୟ କୁମାର ରାଉତଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କ ପୀଠରେ ସୁସଜ୍ଜିତ ବଳଦଙ୍କୁ ଦୌଡ଼ ପାଇଁ ପ୍ରସ୍ତୁତ କରାଯାଉଛି।

**ସଂକ୍ଷେପରେ**

## ଜନସମ୍ପର୍କ ପଦଯାତ୍ରା,ମିଶ୍ରଣ ପର୍ବ

**ବାହାନଗା,୯।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଜୁ ଜନତା ଦଳ ତରଫରୁ ସାଉଡୁ ପଞ୍ଚାୟତର ଥାଲସଡାରେ ବୁଧବାର ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେଠାରେ ଏକ ମିଶ୍ରଣ ପର୍ବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଥାଲସଡା ଗ୍ରାମର କୁଣ୍ଡାଖିଆ ଛକଠାରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଗ୍ରାମର ଚନ୍ଦନ ପୋଖରୀ ଛକରେ ସରିଥିଲା । ଏହି ପଦଯାତ୍ରାରେ ଭଦ୍ରକ ଏମ.ପି. ମଞ୍ଜୁଲତା ମଣ୍ଡଳ, ସୋର ବିଧାୟକ ପର୍ଶୁରାମ ଧଡା, ଧାମନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ,ବାହାନଗା ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ବିଜୟ ମହାପାତ୍ର, ରମାକାନ୍ତ ଦାଶ, ସବିତା ଅଗସ୍ତି, ପ୍ରଦୀପ୍ ଜେନାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଯୋଗ ଦେଇଥିଲେ । ପରେ ଗ୍ରାମର ଚନ୍ଦନ ପୋଖରୀ ଛକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଉପଲକ୍ଷେ ଏକ ସାଧାରଣ ସଭା ଓ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ବ୍ଲକ ସଭାପତି ଅଜୟ କୁମାର ପଣ୍ଡା । ଅତିଥି ପରିଚୟ ପ୍ରଦାନ କରିଥିଲେ ଅଶ୍ୱିନୀ ମହାପାତ୍ର । ମୁଖ୍ୟଅତିଥି ଭାବେ ଏମପି ମଣ୍ଡଳ ସମେତ ବିଧାୟକ ଧଡା, ବ୍ଲକ ହରିଜନ ମୋର୍ଚ୍ଚାର ସଭାପତି ନୀଳାମ୍ବର ମହାଳିକ, ପୂର୍ବତନ ଯୋଜନା ବୋର୍ଡର ସଦସ୍ୟ ଗିରୀଶ ଚନ୍ଦ୍ର ଦାଶ, ତାଳକୁରୁଣିଆ ସରପଞ୍ଚ ବିଜୟ କୁମାର ସାହୁ, ଗୋଲକ ପୁହାଣ, ବରିପଦା ପଞ୍ଚାୟତର ନେତା ରମାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ବାହାନଗା ବ୍ଲକରେ କଂଗ୍ରେସ ଦଳ ଛାଡି ବହୁ ନେତା ଓ କର୍ମୀ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ବିଧାୟକ ଧଡା ଓ ଭଦ୍ରକ ଏମପି ମଣ୍ଡଳ ଙ୍କ ଦ୍ୱାରା ୧କୋଟି ୯୦ ଲକ୍ଷ ଟଙ୍କାର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କରିଥିଲେ।

## କବିତାରେ ତାଜା ହେଲା ପୁରୁଣା ଦିନର ସ୍ମୃତି

**ବାଲେଶ୍ୱର ଅଫିସ,୯।୧୦:** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ୧୯୮୪-୮୯ ବ୍ୟାଚ୍‌ର ୬ଷ୍ଠ ବନ୍ଧୁମିଳନ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଥିବା ମୁକ୍ତ ରଙ୍ଗମଞ୍ଚରେ ସୋମବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତିକୁ କବିତା ମାଧମରେ ପ୍ରକାଶ କରି ଏବଂ ପୁରୁଣା ଦିନର ସାଙ୍ଗସାଥୀଙ୍କୁ ପାଖରେ ପାଇ ସେମାନେ ଆତ୍ମବିଭୋର ହୋଇଯାଇଥିଲେ। ଏହି ଅବସରରେ କବି ଦିଲୀପ ରଥଙ୍କ ରଚିତ ଦ୍ୱିତୀୟ କବିତା ସଂକଳନ ''ସଞ୍ଜ ନଇଁଗଲେ'' ରଘୁନାଥ ଲେଙ୍କାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଣେଶ ରାଉତ, ସୀତାରାମ ପାଣି, ରଜନୀ ବେହେରା, ବିଭୁ ମିଶ୍ର, ନିତ୍ୟାନନ୍ଦ ଆଚାର୍ଯ୍ୟ, ଅମିତ ଶାହା, ଗୁଣାକର ଦାସ, ବିଦ୍ୟାଧର ମହାଳିକ, ଲକ୍ଷ୍ମୀ ନାୟକ, ପୀତାମ୍ବର ମିଶ୍ର, କ୍ଷୀରୋଦ ପଣ୍ଡା, ଅଜୟ ଦାସ, ଶଚିନ୍ଦ୍ର ଶୁକ୍ଳା, ସୁବାସ ରାଉତ, ବିଜନ୍ କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଞ୍ଜନ ଦାସ, ଭାସ୍କର ପରିଡ଼ା, ବିଭୂତି ମହାପାତ୍ର, ରାସବିହାରୀ ଚକ୍ରବର୍ତ୍ତୀ, ସନାତନ ବିଶ୍ୱାଳ, ମାନସ ଦାସ, ଦିଲୀପ ପାତ୍ର, ଶଶି ମହାପାତ୍ର, ମନୋଜ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଗୋପବନ୍ଧୁ ଜୟନ୍ତୀ

**ବାଲେଶ୍ୱର ଅଫିସ/ ସଜନାଗଡ଼, ୯।୧୦ (ଡି.ଏନ.ଏ.):** ବାଲେଶ୍ୱର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନଗର ଶାଖା ପକ୍ଷରୁ ବୁଧବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୨ତମ ଜୟନ୍ତୀ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗାନ୍ଧୀ ସ୍ମୃତି ଭବନ ପରିସରରେ ଥିବା ଗୋପବନ୍ଧୁ ପାର୍କ ଓ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏବିଭିପିର ଜିଲା ପ୍ରମୁଖ ପ୍ରତ୍ୟୁଷ କୁମାର ବେହେରା, ସ୍ମୃତିରଞ୍ଜନ ବେହେରା, ନଗର ସମ୍ପାଦକ ସୁବ୍ରତ କୁମାର ମାଝୀ, ମିଡ଼ିଆ ସଂଯୋଜକ ଅସୀମ ରଞ୍ଜନ ଖୁଣ୍ଟିଆ, ଜିଲା ଏସ୍ଏଫ୍ଏସ୍ ପ୍ରମୁଖ ଦୀପାଞ୍ଜଳି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆମ ସଜନାଗଡ଼ ପ୍ରତିନିଧି ଜଣାଇଛନ୍ତି ଯେ, ନୀଳଗିରିସ୍ଥିତ କୈଳାସ ଚନ୍ଦ୍ର ମାଧମିକ ବିଦ୍ୟାଳୟରେ ବୁଧବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ ସଭାପତିତ୍ୱ କରିଥିଲେ।

# 'ଆବେଗ, ଅନ୍ତର୍ଦହନରୁ ସାହିତ୍ୟ ହୁଏ କାଳଜୟୀ'

**ବାଲିଆପାଳ,୯।୧୦(ଡି.ଏନ.ଏ.)**

ସ୍ରଷ୍ଟା ମନର ଆବେଗ ଓ ହୃଦୟର ଅନ୍ତର୍ଦହନରୁ ଯେଉଁ ସାହିତ୍ୟ ସୃଷ୍ଟି ହୋଇଥାଏ ତାହା କାଳଜୟୀହୁଏ । । ଏଥିରେ ଅବକ୍ଷୟ ସମାଜକୁ ଦିଗଦର୍ଶନ ଦେବା ସହିତ ନୂଆ ପୃଥିବୀର ପରିକଳ୍ପନା ମଧ୍ୟ ହୋଇଥାଏ ବୋଲି ମଙ୍ଗଳବାର ବାଲିଆପାଳ ବ୍ଲକ ଛକସ୍ଥିତ ଏସକେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାରର ପ୍ରତିଷ୍ଠା ଦିବସ ତଥା ଶାରଦୀୟ ବନ୍ଧୁମିଳନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବାଲେଶ୍ୱର ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ଶିଳ୍ପୀ କେଶୁ ଦାସ, ଫକୀରମୋହନ ସାହିତ୍ୟ ପରିଷଦର ସହ ସମ୍ପାଦିକା କଲ୍ୟାଣୀ ନନ୍ଦ ,ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା,ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସଂପାଦକ ବିପିନ ବିହାରୀ ବିଶ୍ୱାଳ,ଲତାଯୋଡି



ଟ୍ରଷ୍ଟର ମୁଖପତ୍ର ଉନ୍ମୋଚନ କରୁଛନ୍ତି ଅତିଥିମାନେ।

ସଂସ୍କୃତ କଲେଜର ଅଧକ୍ଷ ପ୍ରିୟବ୍ରତ ପଣ୍ଡା,ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ହରପ୍ରସାଦ ପାଳ, ସାହତ୍ୟ ଏକାଡେମୀ ପୁରସ୍କୃତ କଥାକାର କୁମାର ଚକ୍ରବର୍ତ୍ତୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, କଣ୍ଠଶିଳ୍ପୀ ରମାନାଥ କର,ରାଜନେତା ବଳରାମ ସାହୁ,ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା,ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ,ଭଜନ ଗାୟକ ଜୟନ୍ତ ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଶାରଦୀୟ ବନ୍ଧୁମିଳନ ଉତ୍ସବକୁ କବି ନଳିନୀକାନ୍ତ ପାଢୀ,ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ,ସନ୍ନ୍ୟାସୀ ବେହେରା,ଅଧ୍ୟାପକ ନିରଞ୍ଜନ ବେହେରା,ବୀରମାଧବ ଦାସ, ଗୋପନାରାୟଣ ଜେନା, ଯବନ କବି ସେକ ନିମାଜି, ଡ.ରଶ୍ମିତା ପାଣିଗ୍ରାହୀ,ସରିତା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଟ୍ରଷ୍ଟର ମୁଖପତ୍ର ଜନ୍ମପ୍ରଜନ୍ମକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସେବା କ୍ଷେତ୍ରରେ ବିଶେଷ କୃତିତ୍ୱ ପାଇଁ ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ରତୀନ୍ଦ୍ର ନାରାୟଣ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟର ସଭାପତି ଅଧ୍ୟାପକ ସୁକାନ୍ତ ଗିରି ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦିକା ସୁଷମାରାଣୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଲକ୍ଷ୍ମୀପ୍ରିୟା ଜୁନିୟର କଲେଜର ଅଧ୍ୟାପିକା ସୁଦୀପ୍ତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନର କବିତା ପାଠ ଉତ୍ସବରେ ଶାନ୍ତିଲତା ପଣ୍ଡା, ଅଞ୍ଜଳୀ ଶତପଥୀ,ରାମରଞ୍ଜନ ରାଉତ,ତୀର୍ଥେଶ ରାୟ ମହାଶୟ,ବିଜୟ ପାତ୍ର,ଭୀମଚରଣ ବେହେରା,ଯୁବନେତା କ୍ଷୀତିଶ କୁମାର ଜେନା,ଅସିତ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## 'ସେବା କାର୍ଯ୍ୟ ପ୍ରତି ବ୍ରତୀ ହୁଅ'

**ଭୋଗରାଇ,୯।୧୦(ଡି.ଏନ.ଏ.):** ଉତ୍ତର ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମହାବିଦ୍ୟାଳୟରେ ବୁଧବାର ଜାତୀୟ ସେବା ସଂସ୍ଥା ପକ୍ଷରୁ ୭ ଦିନିଆ ସ୍ୱତନ୍ତ୍ର ଶିବିର ଶୁଭାରମ୍ଭ ହୋଇଛି। ଭାରପ୍ରାପ୍ତ ଅଧକ୍ଷ ଦିଲ୍ଲୀପ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ସଂସ୍ଥାର ସଂଯୋଜକ ଅଧ୍ୟାପକ ବ୍ରଜ ବିହାରୀ ପତି, ସଂଯୋଜିକା ଅଧ୍ୟାପିକା ସବିତା ପ୍ରଧାନ, ଅଧ୍ୟାପକ କେଦାର ସିଂ ଦାସ, ରମେଶ ଚନ୍ଦ୍ର ପାତ୍ର, ଅନୁପ କୁମାର ସାମଲ, ନନ୍ଦ କୁମାର ଦାସ, ଅଧ୍ୟାପିକା ସୁସନ୍ଧ୍ୟା ପ୍ରିୟଦର୍ଶନୀ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସେବା କାର୍ଯ୍ୟ ପ୍ରତି ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଶିବିରରେ ନୃତ୍ୟ, ସଙ୍ଗୀତ, ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା ସହ ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ଲଳିତକଳା ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ




ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

**ବସ୍ତା,୯।୧୦(ସ୍ୱ.ପ୍ର):** ବାଲେଶ୍ୱର ଜିଲା ବସ୍ତା ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦଶହରା ଉପଲକ୍ଷେ ନୂତନ ଭାବେ ଲଳିତ କଳା ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଜମାରିପଦା ସ୍ଥିତ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଆୟୋଜିତ ଉତ୍ସବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦପୁର ସରପଞ୍ଚ ଅନୀଲ କୁମାର ମହାନ୍ତି, ପତ୍ରଝଡ଼ା ସରପଞ୍ଚ ପ୍ରଣତୀ ସାହୁ, ସମିତିସଭ୍ୟ ଅକ୍ଷୟ ବେହେରା, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଗୁପ୍ତା, ଶିଳ୍ପପତି ସତ୍ୟନାରାୟଣ କର୍ଣାନୀ, ମନୋଜ ମହାନ୍ତି, ବାସୁଦେବ ପ୍ରଧାନ ତଥା ସ୍କୁଲର କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବସ୍ତା ଅଞ୍ଚଳରେ ଏହା ଏକ ଅଗ୍ରଣୀ କଳାକେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବ ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ।

## ରେଳଷ୍ଟେଶନରେ ବିଜୟୀ ଖୋଖୋ ଦଳକୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୯।୧୦**

ଝାଡ଼ଖଣ୍ଡ ରାଜ୍ୟର ରାଜଧାନୀ ରାଞ୍ଚିଠାରେ ଗତ ୨ ତାରିଖଠାରୁ ୬ ତାରିଖ ପର୍ଯ୍ୟନ୍ତ ଜାତୀୟ ସବ୍ ଜୁନିୟର ଖୋଖୋ (ବାଳିକା ଓ ବାଳକ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଦଳ ଦୀର୍ଘ ୨୯ ବର୍ଷ ପରେ ଶକ୍ତିଶାଳୀ ମହାରଷ୍ଟ୍ରକୁ ହରାଇ

**ପପୁ, ସୁନୀଲ,ଦେବସ୍ମିତା ଖେଲୋ ଇଣ୍ଡିଆ ପାଇଁ ମନୋନୀତ**

ଚାମ୍ପିୟନ ଓ ବାଳକ ବିଭାଗ ମହାରଷ୍ଟ୍ରଠାରୁ ହାରି ରନର୍ସଅପ୍ ହୋଇଥିଲେ। କୁମାରୀ ଅନନ୍ୟା ପ୍ରଧାନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ବିଜୟୀ ଓଡ଼ିଶା ଖୋଖୋ ଦଳ ରାଞ୍ଚିରୁ ବାଲେଶ୍ୱର ଦେଇ ନୀଳାଚଳ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଅଭିମୁଖେ ଫେରୁଥିବା ସମୟରେ ବୁଧବାର ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେଶନଠାରେ ଜିଲା କ୍ରୀଡ଼ାସଂଘ ତରଫରୁ ଉଭୟ ବାଳିକା ଓ ବାଳକ ଦଳକୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା କ୍ରୀଡ଼ା ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ବିଜୟୀ ଦଳକୁ



ବିଜୟୀ ଓଡ଼ିଶା ଖୋଖୋ ଦଳକୁ ଜିଲା କ୍ରୀଡ଼ାସଂଘ ପକ୍ଷରୁ ସମ୍ବର୍ଦ୍ଧନା।

ସମ୍ବର୍ଦ୍ଧନା ଜଣାଇ ସେମାନଙ୍କ ଶୁଭକାମନା କରିଥିଲେ। ଜିଲା କ୍ରୀଡ଼ାସଂଘର ଖୋଖୋ ଯୁଗ୍ମ ସମ୍ପାଦକ ତଥା ଓଡ଼ିଶା ଖୋଖୋ ଆସୋସିଏଶନର ସହସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସମେତ ଉପସଭାପତି ହରମୋହନ ଦାଶ, ବୀରେନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ନିମାଇଁ ଚରଣ ରାଉତରାୟ ଏବଂ ପ୍ରଦୀପ ଦାସ, ସାଦିକ ଅଲ୍ଲି ଖାଁ, ଚିତ୍ତରଞ୍ଜନ ପାସା, ସୁବିର କୁମାର ନାୟକ, ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ଓଡ଼ିଶା ଖୋଖୋ କୋଚ୍ ମଳୟ ରଞ୍ଜନ ବେହେରା, ଜାତୀୟ ଖୋଖୋ କୋଚ୍ ପ୍ରୀତିରଞ୍ଜନ ପ୍ରଧାନ ଏବଂ ବହୁ ଖେଳାଳି ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଓଡ଼ିଶା ଖୋଖୋ ଦଳରେ ବାଲେଶ୍ୱରରୁ ୩ ଜଣ ପପୁ ମାରାଣ୍ଡି, ସୁନୀଲ ପାତ୍ର, ବସନ୍ତ ମୁଖୀ ଏବଂ ଦେବସ୍ମିତା ତରେଇ ସାମିଲ୍ ଅଛନ୍ତି । ଏମାନଙ୍କ ମଧ୍ୟରୁ ବସନ୍ତକୁ ବାଦ୍ ଦେଲେ ଅନ୍ୟ ୩ଜଣଙ୍କୁ ରାଜ୍ୟ ତରଫରୁ ଖେଲୋ ଇଣ୍ଡିଆ ପାଇଁ ଚୟନ କରାଯାଇଛି।

# ସବୁଠି ଚମକ ଆଣିଲା ରାବଣପୋଡ଼ି ଉତ୍ସବ

**ବାଲେଶ୍ୱର ଅଫିସ,୯।୧୦**

ବାଲେଶ୍ୱର ଜିଲାର ବିଭିନ୍ନ ସହର ଓ ବ୍ଲକରେ ଶାନ୍ତିଶୃଙ୍ଖଳା ତଥା ଜାକଜମକରେ ଦଶହରା ଉତ୍ସବ ପାଳିତ ହୋଇଯାଇଛି। ନବମୀ ଓ ଦଶମୀ ତିଥିରେ ବିଭିନ୍ନ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଡିଖେଳ ଓ ସିନ୍ଦୂର ଖେଳ ଭଳି ବିଭିନ୍ନ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ପରିବେଶକୁ ଉତ୍ସବମୁଖର କରିଥିଲା। ରାବଣପୋଡି, ଦଶହରା ଉତ୍ସବ ଓ ଭସାଣି ସମାରୋହ ଲାଗି ସହରରେ ଟ୍ରାଫିକ୍ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।
ବାଲେଶ୍ୱର ସହରସ୍ଥିତ ଆଇଟିଆଇ ପଡ଼ିଆରେ ମହାନବମୀ ତିଥି ସୋମବାର ସନ୍ଧ୍ୟା ୭ଟା ସମୟରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଥିଲା। ରାବଣପୋଡ଼ି କମିଟିର କାର୍ଯ୍ୟକାରି ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ତଥା ଯୋଜନା ବୋର୍ଡ଼ ଅଧକ୍ଷ ଅନନ୍ତ ଦାସ, ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଉପଜିଲାପାଳ ନୀଲୁ ମହାପାତ୍ର ଯୋଗ ଦେଇଥିଲେ। ସଭାରେ କମିଟିର ସ୍ଥାୟୀ ସଭାପତି ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ସ୍ମୃତିଚାରଣ କରାଯାଇଥିଲା। ୨୪ବର୍ଷରେ ପଦାର୍ପଣ କରିଥିବା ଏହି ଉକ୍ତ ଅନୁଷ୍ଠାନକୁ ଅତିଥିମାନେ ଭୂୟସୀ ପ୍ରଶଂସା କରି ଆକାଶଛତାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହା ପରେ ଦର୍ଶକମାନେ ୨ଘଣ୍ଟା ଧରି ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପରେ ବିଧାୟକ ଦାସଙ୍କ ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ। ସାଧାରଣ ସମ୍ପାଦକ କିଶୋର ଦାସ ମଞ୍ଚ ପରିଚାଳନା କରିଥିଲେ। ସ୍ଥାୟୀ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି, ସମ୍ପାଦକ ରାମନାରାୟଣ ଶତପଥୀ, ସତ୍ୟ ଶିବ ସୁନ୍ଦର ଦାଶ, ଭାଗବତ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ନୀଳଗିରି

ନୀଳଗିରି ଥାନା ପଡ଼ିଆରେ ଦଶହରା ଉତ୍ସବ ପାଳନ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅସତ୍ୟ ଉପରେ ସତ୍ୟର ଜୟ ପ୍ରତୀକ ଭାବେ ରାବଣ ପୋଡି କାର୍ଯ୍ୟକ୍ରମରେ ସୁସଜ୍ଜିତ ରାବଣ ପ୍ରତିମୂର୍ତ୍ତି ପ୍ରସ୍ତୁତ କରାଯାଇ ଦହନ କରାଯାଇଥିଲା। କମିଟିର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରକାର ଆତସବାଜୀ, ରୋସଣି, ଆକାଶ ଛତା ଆକର୍ଷଣୀୟ ହୋଇଥିଲା। ସେହିପରି ଅଯୋଧା ଓ ମିତ୍ରପୁରରେ ମଧ୍ୟ ଅନୁରୂପ ଭାବେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ଆମ ସଜନାଗଡ଼ ପ୍ରତିନିଧି ଜଣାଇଛନ୍ତି।

### ବସ୍ତା

ବସ୍ତା ବ୍ଲକରେ ୨ ଟି ସ୍ଥାନରେ ରାବଣ ପୋଡ଼ି ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଥିଲା। ରାବଣ ପୋଡ଼ି କମିଟି ପକ୍ଷରୁ ରେଳ ଷ୍ଟେଶନ ନିକଟ



ଜମାରିପଦା ପଡ଼ିଆ ଏବଂ ହରପାର୍ବତୀ କମିଟି ପକ୍ଷରୁ ବସ୍ତା ବଜାର ସ୍ଥିତ ଶମ୍ଭୁନାଥ ହାଇସ୍କୁଲ ପଡ଼ିଆରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଉଭୟ ଉତ୍ସବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଅଗ୍ନି ସଂଯୋଗ କରି ରାବଣକୁ ବଧ କରିଥିଲେ।

### ଜଳେଶ୍ୱର

ଜଳେଶ୍ୱର ବ୍ଲକରେ ମଙ୍ଗଳବାର ୫ଟି ସ୍ଥାନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାମ୍ପୋ ଦୁର୍ଗା ପୂଜା କମିଟି ପକ୍ଷରୁ ରାବଣପୋଡ଼ି ପଡ଼ିଆ, ନୂଆବଜାର ଦୁର୍ଗାପୂଜା କମିଟି ପକ୍ଷରୁ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟସ୍ଥିତ ପଡ଼ିଆ, ରାୟାଁରାମଚନ୍ଦ୍ରପୁର ଦୁର୍ଗାପୂଜା କମିଟି ପକ୍ଷରୁ ମହାନ୍ତିସାହି ପଡ଼ିଆ, ଶିଖରପୁର ଦୁର୍ଗାପୂଜା କମିଟି ପକ୍ଷରୁ ଚକହରି ପଡ଼ିଆ, ଛମୌଜ ଦୁର୍ଗାପୂଜା କମିଟି ପକ୍ଷରୁ ଶାଳିକୋଠାସ୍ଥିତ ଛମୌଜ ପଡ଼ିଆରେ ରାବଣ ପୋଡ଼ି ଉତ୍ସବ ଆୟୋଜିତ ହୋଇଥିଲା। ବିଧାୟକ ଅଶ୍ୱିନୀ ପାତ୍ର ନୂଆବଜାର ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଯୋଗଦେଇ ଉପସ୍ଥିତ ଦର୍ଶକଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇବା ସହ ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ।

### ଔପଦା

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାରସ୍ଥ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କର ଦଶହରା ପର୍ବ ଜାକ୍‌ଜମକରେ ପାଳିତ ହୋଇ ଯାଇଛି। ଔପଦା ହାଇସ୍କୁଲ ପଡ଼ିଆରେ ପୂଜା କମିଟି ତରଫରୁ ରାବଣପୋଡ଼ି ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଆତସବାଜି ପ୍ରଦର୍ଶନକୁ ଅନେକ ଦର୍ଶକ ଉପଭୋଗ କରିଥିଲେ। ଔପଦା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ସଦଳବଳ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପୂଜା କମିଟି ତରଫରୁ ପ୍ରତାପ ଚନ୍ଦ୍ର ଦାସ, ଗୋପାଳ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ଦିନବନ୍ଧୁ ପାଢ଼ୀ, ଅନନ୍ତ ପ୍ରସାଦ ନନ୍ଦ, ମକରଧର ସେଠୀ ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ରୂପ୍‌ସା

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଙ୍କୋ ଶତାବ୍ଦୀ କ୍ଲବ ଆନୁକୂଲ୍ୟରେ ରୂପ୍‌ସା ମେଡ଼ିକାଲ ସ୍ଥିତ ପଦ୍ମକିଶୋର ମହାଦେବ ପଡ଼ିଆରେ ମଙ୍ଗଳବାର ୩୧ତମ ବିଶାଳ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ସନ୍ତୋଷ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାପରିଷଦ ସଭ୍ୟା ଶ୍ରୀମତୀ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ଷ୍ଟେଶନ ମ୍ୟାନେଜର ଶ୍ରୀପତି ରାଉତ, ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର ପ୍ରମୁଖ ମଞ୍ଚାସୀନଥିଲେ। ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟକୃଷ୍ଣ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ। ପଶ୍ଚିମବଙ୍ଗର ୨ଜଣ ବାଣ ବ୍ୟବସାୟୀଙ୍କ ଦ୍ୱାରା ଜଳ, ସ୍ଥଳ ଓ ଆକାଶମାର୍ଗରେ ଆତସବାଜୀ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରାଯାଇଥିଲା। କ୍ଲବ କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ଶାରଦା ପ୍ରସନ୍ନ ପଟ୍ଟନାୟକ, ଶିକ୍ଷକ ସୃଷ୍ଟିଧର ପରିଡ଼ା ଓ ଚିତ୍ତରଞ୍ଜନ ସେନାପତି, ମଦନ ମୋହନ ପରିଡ଼ା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ରୂପ୍‌ସା ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଆଇନ୍ ଶୃଙ୍ଖଳା ରକ୍ଷା କରିଥିଲେ।

### ବାହାନଗା, ଗୋପାଳପୁର

ବାଲେଶ୍ୱର ଜିଲା ବାହାନଗା ବ୍ଲକର ବାହାନଗା ସଦରମହକୁମା ଓ ଗୋପାଳପୁର ଠାରେ ପୃଥକ ପୃଥକ ଦିନ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୋପାଳପୁର ଠାରେ ମା'ଙ୍କ ମହାନବମୀ ପୂଜା ରାତିରେ ପଣ୍ଡାଶୁଣି ପଞ୍ଚାୟତ କେୟାର ପଡିଆରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳଙ୍କ ସମେତ ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇଥିଲେ । ସଭାପତିତ୍ୱ କରିଥିଲେ ଅଶ୍ୱନୀ ମହାପାତ୍ର । ରଙ୍ଗାରଙ୍ଗ ଆତସବାଜୀ ପ୍ରଦର୍ଶନ ପରେ ବିଧାୟକ ଧଡା ରାମଙ୍କ ବାଣରେ ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ । ସେହିପରି ବାହାନଗା ଉଚ୍ଚ ବିଦ୍ୟାଳୟ ପଡିଆରେ ଦଶମୀ ସନ୍ଧ୍ୟାରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇତ୍ଥିଲା। କଂଗ୍ରେସ ଦଳର ଜିଲା ସଭାପତି ତଥା ଜିଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ରାଜଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା ।




ଗୋପାଳପୁରରେ ରାବଣପୋଡ଼ି ଉତ୍ସବରେ ଉପସ୍ଥିତ ଅତିଥି।



ବାଲେଶ୍ୱର ଆଇଟିଆଇସ୍ଥିତ ରାବଣପୋଡ଼ି ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ଜୀବନ ବଞ୍ଚାଇବାକୁ ଯାଇ ଗୋବର ଗାଡ଼ିଆରେ ପୋତିଲେ ପରିବାର ଲୋକେ

ପାଟଣା,୯।୧୦(ସ୍ୱ.ପ୍ର.)-ଆଜିର ହାଇଟେକ୍ ଯୁଗରେ ବି ମଣିଷ ମନରୁ ଅନ୍ଧ ବିଶ୍ୱାସ କମି ନାହିଁ । ସୋମବାର ସେମିତି ଏକ ଅଭାବନୀୟ ଘଟଣା କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ଼ ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଦୁଧିନାଳି ଗ୍ରାମରେ ଦେଖିବାକୁ ମିଳିଛି । ସେଦିନ ଅପରାହ୍ନରେ ଘର ବାରଣ୍ଡାରେ ପାଣ୍ଡୁ ମୁଣ୍ଡା(୫୫) ବସିଥିଲେ ।
ଏହି ସମୟରେ ଅଳ୍ପ ବର୍ଷା ସହିତ ବଜ୍ରପାତ ହୋଇଥିଲା । ବଜ୍ରପାତରେ ପାଣ୍ଡୁ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଫୋନ କରି ବିଫଳ ହୋଇଥିଲେ । ଏହାପରେ ସେମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପାଣ୍ଡୁଙ୍କ ଜୀବନ ବଞ୍ଚାଇବା ପାଇଁ ଏକ ଗୋବର ଗାଡ଼ିଆରେ ପୋତି ପକାଇଥିଲେ। ଏହାର କିଛି ସମୟ ପରେ ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସେମାନେ ଗୋବର ଗାଡ଼ିଆରୁ ପାଣ୍ଡୁଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ କରଞ୍ଜିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୧୯) ରୁଜୁ ହୋଇଛି । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କରଞ୍ଜିଆ ଥାନା ଅଧିକାରୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି।

### କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୯।୧୦(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ପାର୍ଶ୍ୱ ଏକ କୂଅରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ସେହି ଗ୍ରାମର ପୀରୁ ବେଶ୍ରା ବୋଲି ଜଣାପଡିଛି। ଟାଉନଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୧୯) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

କପ୍ତିପଦା,୯।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ମଝିଗଡ଼ିଆ ପଞ୍ଚାୟତ ଭେଜଡିହା ଗ୍ରାମର ବୃଦ୍ଧ ଦମ୍ପତି ଗତ ରବିବାର ସନ୍ଧ୍ୟାରୁ ନିଖୋଜ ଥିଲେ। ବୁଧବାର ସୋନ ଡ୍ୟାମରୁ ସେମାନଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଦମ୍ପତି ହେଲେ ସୀତାରାମ ସିଂ(୬୨) ଓ ତାଙ୍କ ସ୍ତ୍ରୀ ଲେତ(୫୫)। ଗୁଣିଗାରେଡ଼ି ସନ୍ଦେହରେ ସେମାନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ପୋଲିସ ପଞ୍ଚାୟତ ଅନ୍ତର୍ଗତ ମହୁଲପଙ୍ଖା ଗ୍ରାମର ଲାଗୁ ହୋ(୨୪) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ରବିବାର ୨ ଝିଅ ସୀମା ଓ ସୋମବାରୀ ସହିତ ଏହି ଦମ୍ପତି ଛତ୍ରାଆମ୍ବଠାରେ ହେଉଥିବା ଫୁଟବଲ ଖେଳ ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ପୂର୍ବରୁ ଦୁଇ ଝିଅଙ୍କୁ ସେମାନେ ବସ୍‌ରେ ଘରକୁ ପଠାଇଦେଇ ଚାଲି ଚାଲି ଆସୁଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ସକାଳେ ଖୋଜାଖୋଜି ଚାଲିଥିବାବେଳେ ଏକ ବିଲରୁ ସୀତାରାମଙ୍କ ଚପଲ, ପୋଷାକର କିଛି ଅଂଶ ମିଳିଥିଲା । ସେଠାରେ ରକ୍ତଛିଟା ପଡିଥିବା ଦେଖାଯାଇଥିଲା । ତାଙ୍କ ବାପା ମାଆଙ୍କୁ କେହି ମାରି ଦେଇଥିବା ସନ୍ଦେହ କରି ଝିଅ ସୀମା କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏଥିନେଇ ପୋଲିସ ଏକ ମାମଲା (ନଂ.୧୨୯/୧୯) ରୁଜୁ କରିଥିଲା । ବାରିପଦାରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ସନ୍ଧାନୀ କୁକୁର ଘଟଣାସ୍ଥଳରୁ ସୋନ ଡ୍ୟାମ ପର୍ଯ୍ୟନ୍ତ ଯାଇ ସେଠାରେ ଅଟକି ଯାଇଥିଲା । ଫଳରେ କେହି ଦୁର୍ବୃତ୍ତ ଉଭୟଙ୍କୁ ମାରି ଡ୍ୟାମରେ ଫିଙ୍ଗି ଦେଇଥିବା ପୋଲିସର ସନ୍ଦେହ ଦୃଢୀଭୂତ ହୋଇଥିଲା । ଖବରପାଇ କପ୍ତିପଦା ଦମକଳ ବାହିନୀ ଓ ବାଲେଶ୍ୱରରୁ ଓଡ୍ରାଫ୍ ଟିମ ଆସି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ । ବୁଧବାର ଡ୍ୟାମର ଗଭୀର ଜଳରେ ଭାସୁଥିବା ଦମ୍ପତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା ।

ଗିରଫ ହୋଇଥିବା ଲାଗୁ ପୋଲିସ ଆଗରେ ଦେଇଥିବା ବୟାନ ଅନୁଯାୟୀ, ଗ୍ରାମର ଦିବାକରଙ୍କ ଦେହ ସବୁବେଳେ ଖରାପ ରହୁଥିଲା । ଏହି ଦମ୍ପତି ଗୁଣି ଗାରେଡି କରୁଥିବା ସେ ସନ୍ଦେହ କରୁଥିଲେ । କିଛିଦିନ ତଳେ ତାଙ୍କ ଦେହ ଭଲ ହେବା ପରେ ସେ ଦମ୍ପତିଙ୍କୁ ଜୀବନରୁ ମାରି ଦେବା ପାଇଁ ସୁଯୋଗ ଖୋଜୁଥିଲେ ।



ଗିରଫ ଅଭିଯୁକ୍ତ ଲାଗୁ ହୋ ।

■ସୋନ ଡ୍ୟାମରୁ ମୃତଦେହ ଉଦ୍ଧାର

■ଗତ ରବିବାରରୁ ନିଖୋଜ ଥିଲେ

ରବିବାର ସନ୍ଧ୍ୟାରେ ଦମ୍ପତି ଛତ୍ରାଆମ୍ବରୁ ଫୁଟବଲ ଖେଳ ଦେଖି ଫେରୁଥିବା ଦିବାକର ଦେଖିଥିଲେ । ସେ ସାଙ୍ଗ ଲାଗୁଙ୍କୁ ଡାକି ସବୁ କଥା କହିବା ସହିତ ତାଙ୍କର ସହାୟତା ଲୋଡିଥିଲେ। ସେମାନେ ଏକ ନିଛାଟିଆ ସ୍ଥାନକୁ ଦମ୍ପତିଙ୍କୁ ଟାଣି ନେଇ ଏକ କଟୁରୀରେ ବେକକୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସେମାନେ ମୃତଦେହକୁ ଜଙ୍ଗଲ ଭିତରେ ବୋହି ନେଇ ସୋନ ଡ୍ୟାମ କୂଳରେ ପହଞ୍ଚିଥିଲେ। କୂଳରେ ମାଛ ଧରିବା ପାଇଁ ଧୀବରମାନେ ରଖିଥିବା ଡଙ୍ଗାରେ ମୃତଦେହ ଦୁଇଟିକୁ ନେଇ ଡ୍ୟାମର ଗଭୀର ଜଳରେ ପକାଇ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

ଉଲ୍ଲେଖ ଯୋଗ୍ୟ ଯେ, ଗତ ଅଗଷ୍ଟ ୩୧ ତାରିଖରେ ଏହି ପରିବାରର ସମସ୍ତ ସଦସ୍ୟଙ୍କ ସମେତ ତାଙ୍କ ସମ୍ବୁଦି ବାରିପଦା ସଦର ଥାନା କରତବସା ଗ୍ରାମର ଗୁରୁଭା ସିଂଙ୍କୁ ମଧ୍ୟ କେତେକ ଗ୍ରାମବାସୀ ଗୁଣି ଗାରେଡି ସନ୍ଦେହରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏପରି କି ମୃତ ଲେତ ସିଂଙ୍କୁ ଗୋଟିଏ ଗଛରେ ବାନ୍ଧି ମାଡ଼ ମାରିଥିଲେ । ଗ୍ରାମବାସୀଙ୍କ ଆକ୍ରମଣରେ ଗୁରୁଭା ଏବଂ ଲେତ ଗୁରୁତର ଆହତ ହୋଇଥିଲେ । ଗ୍ରାମରକ୍ଷୀଙ୍କଠାରୁ ଖବର ପାଇ କପ୍ତିପଦା ଥାନା ଆଇଆଇସି ରୀନା ବେହେରା ଏବଂ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଗୁରୁଭା ଏବଂ ଲେତଙ୍କୁ ଉଦ୍ଧାର କରି ପ୍ରଥମେ କପ୍ତିପଦା ଓ ପରେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏଥିନେଇ ସେତେବେଳେ କପ୍ତିପଦା ଥାନାରେ ଏକ ମାମଲା(ନଂ. ୯୩/୧୯)ରୁଜୁ ହୋଇଥିଲା । ଗୁଣିଗାରେଡ଼ିକୁ ନେଇ ବାରମ୍ବାର ଏଭଳି ହିଂସା ଓ ଅପରାଧ ଘଟୁଥିବାରୁ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି ।

## ■ଫେଲ୍ ମାରିଲା ଚିକିତ୍ସା

# ଜୀବନ ହରାଇଲା ମାଈ ହାତୀ



କେନ୍ଦୁଝର, ୯।୧୦ (ସ୍ୱ.ପ୍ର./ଡି.ଏନ.ଏ.)

ଦୀର୍ଘ ପ୍ରାୟ ୮ ଦିନ ମୃତ୍ୟୁ ସହ ସଂଗ୍ରାମ କରି ଚିକିତ୍ସାଧୀନ ଥିବା ୨୫ ବର୍ଷୀୟ ମାଈ ହାତୀର ସୋମବାର ମୃତ୍ୟୁ ଘଟିଛି । ଫଳରେ ଏହାକୁ ନେଇ ପରିବେଶବିତ ମାନେ ହାତୀର ସୁରକ୍ଷାକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏକ ମାସ ପୂର୍ବରୁ ରାସ୍ତା ଦୁର୍ଘଟଣାରେ ୩ ହାତୀଙ୍କ ମୃତ୍ୟୁ ପରେ ଏବେ ଆଉ ଏକ ମାଈ ହାତୀର ମୃତ୍ୟୁକୁ ନେଇ ବନ୍ୟପ୍ରାଣୀ ପ୍ରେମୀ ମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହ ହାତୀ ମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଉଛନ୍ତି।

କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଉପର ସୁମଠ ଗ୍ରାମ ନିକଟରେ ଏହି ହାତୀଟି ଗତ ୨୮ ତାରିଖ ରାତିରେ ଗ୍ରାମକୁ ଧାନ ଖାଇବାକୁ ଆସିଥିବା ବେଳେ ପଡିଯାଇଥିଲା । ଏନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ପକ୍ଷରୁ ଏହାର ଚିକିତ୍ସା କରାଯାଇଥିଲା । ଚିକିତ୍ସା ପାଇଁ ଶିମିଳିପାଳରୁ ଏକ ବିଶେଷଜ୍ଞ ଦଳ ପହଞ୍ଚି ଏହାର ଚିକିତ୍ସା କରୁଥିଲେ। ତେବେ ହାତୀଟି ଉଠି ଠିଆ ହୋଇ ପାରି ନ ଥିଲା। ଶେଷରେ ସୋମବାର ହାତୀଟି ଆଖି ବୁଜିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ବନ ବିଭାଗ ହାତୀଟିକୁ ପୋତି ଦେଇଥିବା ଜଣାପଡିଛି । ଭୂତାଣୁ ଜନୀତ ହରପିସ୍ କାରଣରୁ ନୁହେଁ ବରଂ ପେଟରେ ସଂକ୍ରମଣ ଯୋଗୁ ହାତୀଟି ଅସୁସ୍ଥ ହୋଇ ପଡିଥିଲା ବୋଲି ବନ୍ୟପ୍ରାଣୀ ଚିକିତ୍ସକ ତଥା ବନବିଭାଗ ପକ୍ଷରୁ କୁହାଯାଇଥିଲା । ହାତୀଟି ଅଧିକ ବୟସ୍କ ହୋଇ ଯାଇଥିବାରୁ ଉଠି ପାରି ନ ଥିବା ଓ ଚଳପ୍ରଚଳ ହୋଇ ନ ପାରି ପଡିରହିବାରୁ ମୃତ୍ୟୁବରଣ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ହାତୀର ଗୋବର ଯାଞ୍ଚ ପାଇଁ ଯାଇଥିଲେ ହେଁ ଅଦ୍ୟାବଧି ରିପୋର୍ଟ ପହଞ୍ଚି ପାରି ନ ଥିବାରୁ ପ୍ରକୃତ ରୋଗର କାରଣ ଜଣାପଡିନାହିଁ।

# ରାସ୍ତାକଡ଼ରେ ମୃତଦେହ, ହତ୍ୟାସନ୍ଦେହ

ଚିତ୍ରଡା,୯।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ଭଦ୍ରାଶୋଳ ଗ୍ରାମର ଦିଲ୍ଲୀପ କୁମାର ମହାନ୍ତ। ସେ ଗତ ୨ ବର୍ଷ ହେବ ଶ୍ୱଶୁର ଘର ବୈଁଶିଙ୍ଗା ଥାନା ଅଧୀନ ଗୋଡ଼ଗଡ଼ିଆରେ ରହୁଥିଲେ। ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା ପରେ ଗାଁ ମୁଣ୍ଡରେ ଫିଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଖବରପାଇ ବେତନଟୀ ଏବଂ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲ ପଠାଯାଇଛି। ଏଥିନେଇ ଥାନାରେ ଏକ ମାମଲା (ନଂ.୯୦/୧୯) ରୁଜୁ ହୋଇଛି।

# ନାବାଳିକା ଅପହରଣକାରୀ ଗିରଫ

ଚିତ୍ରଡ଼ା,୯।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସନ୍ନ୍ୟାସୀ ଗ୍ରାମରୁ ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୁକ୍ତଙ୍କୁ କାବୁ କରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗୌତମ ସିଂ । ତାଙ୍କ ଘର ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଲାଛୋମଣିଖୁଣ୍ଟା ଗ୍ରାମରେ। ସେ ଶ୍ୱଶୁର ଘର ସନ୍ନ୍ୟାସୀ ଗ୍ରାମରେ ଘରଜ୍ୱାଇଁ ଭାବେ ରହୁଥିଲେ। ସେଠାରେ ରହିବା ଭିତରେ ସନ୍ନ୍ୟାସୀ ଗ୍ରାମର ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ପରେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଏଥିନେଇ ପୋଲିସ ଏକ ମାମଲା (ନଂ.୮୮/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ଗ୍ରାମବାସୀ ଗୌତମଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

MARUTI SUZUKI ARENA

ଉତ୍ସବ ଅଫର୍ସ

ଏହି ପର୍ବପର୍ବାଣୀକୁ ଆହୁରି ଆନନ୍ଦମୟ କରନ୍ତୁ, ମାରୁତି ସୁଜୁକୀର ଆକର୍ଷଣୀୟ ଅଫର୍ସ ଗୁଡ଼ିକ ସହିତ ।
ଶୀଘ୍ର କରନ୍ତୁ, ଅଫର୍ସ 10 ଅକ୍ଟୋବର ପର୍ଯ୍ୟନ୍ତ ବୈଧ ।




ସୀମିତ ସମୟ ପାଇଁ କେବଳ

ଅଫର୍ସ 10 ଅକ୍ଟୋବର ପର୍ଯ୍ୟନ୍ତ ବୈଧ

| | ALTO (P) | ALTO K10 (P) | SWIFT (P) | SWIFT (D) | VITARA BREZZA (D) | DZIRE (P) | DZIRE (D) | CELERIO (P) | EECO (7 SEATER) | EECO (5 SEATER) |
|---|---|---|---|---|---|---|---|---|---|---|
| କଞ୍ଜୁମର ଅଫର* | ₹40,000 | ₹35,000 | ₹25,000 | ₹30,000 + 5 Yr. Warranty | ₹45,000 + 5 Yr. Warranty | ₹30,000 | ₹35,000 + 5 Yr. Warranty | ₹35,000 | ₹25,000 | ₹15,000 |
| ଏକ୍ସଚେଞ୍ଜ ଅଫର* | ₹15,000 | ₹15,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 |
| କର୍ପୋରେଟ୍ ଅଫର* | ₹5,000 | ₹5,000 | ₹5,000 | ₹10,000 | ₹10,000 | ₹5,000 | ₹10,000 | ₹5,000 | ₹5,000 | ₹5,000 |
| ଅଧିକ ସଞ୍ଚୟ* | ₹60,000 | ₹55,000 | ₹50,000 | ₹77,600 | ₹96,100 | ₹55,000 | ₹83,900 | ₹60,000 | ₹50,000 | ₹40,000 |

ALTO ALTO K10 SWIFT VITARA BREZZA DZIRE CELERIO EECO

**JYOTE MOTORS**
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108

**ODYSSEY MOTORS**
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.

**SKY AUTOMOBILES**
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.

**NARAYANI MOTORS**
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.

*Terms and Conditions apply. All offers are brought to you by Maruti Suzuki dealers. Offers may vary from city to city, and variant to variant for all models. Corporate offer value is maximum offer value, and same is applicable to selected corporates only. For diesel variants, warranty amount calculated is of the highest variant. Offer valid till stock lasts. Exchange offer valid at True Value outlets only. Accessories shown may not be part of standard equipment. For more details, contact your nearest Maruti Suzuki dealer. E-book today at www.Marutisuzuki.Com or visit your nearest maruti suzuki dealership.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ଚମ୍ପୁଆ, ୯।୧୦(ଡି.ଏନ.ଏ.)- ଚମ୍ପୁଆ ଥାନା ଅନ୍ତର୍ଗତ ସୁନାପଶି ପଞ୍ଚାୟତର ଇନ୍ଦ୍ରପ୍ରସ୍ଥ ଠାରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନାଥ ଚନ୍ଦ୍ର ମହାନ୍ତ। ଖବର ଅନୁସାରେ ବୁଧବାର ଅପରାହ୍ନରେ ନାଥ ଚନ୍ଦ୍ର ଘର ଆଗରେ ବସିଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ତାଙ୍କୁ ଆଣି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନାଥ ଚନ୍ଦ୍ରଙ୍କ ବୟସ ୭୦ ବର୍ଷ ହୋଇଥିବା ବେଳେ ଚମ୍ପୁଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଶାଗୁଆନ କାଠ ଜବତ, ୩ ଗିରଫ

ଆନନ୍ଦପୁର/ହାଟଡିହୀ, ୯।୧୦(ସ୍ୱ.ପ୍ର./ଡି.ଏନ୍.ଏ.)- ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ପିତାନାଉ ସଂରକ୍ଷିତ ଜଙ୍ଗଲର ବରକନ୍ୟା ଘାଟିଠାରେ ପଣ୍ଡା ହଳରେ ୩ ଗୋଟି ଶାଗୁଆନ ଲଗ୍ ଚୋରା ଚାଲାଣ ହେଉଥିବା ସମୟରେ ବନ ବିଭାଗ କର୍ମଚାରୀମାନେ ଚଢାଉ କରି କାଠ ଜବତ କରିଥିଲେ। କାଠ ଚାଲାଣରେ ସଂପୃକ୍ତ ୪ ଜଣ ଅପରାଧୀଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଛି। ଗିରଫ ମାନେ ହେଲେ ଆନନ୍ଦପୁର ଥାନା ଅଧୀନ କାଠକଟା ଗ୍ରାମର ରଥ ମହାନ୍ତ, ରମେଶ ମହାନ୍ତ, ମିଲନ୍ ମହାନ୍ତ ଏବଂ ଟାଙ୍ଗର ଗ୍ରାମର ବିଶ୍ୱରଞ୍ଜନ ସାହୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କାଠ ଚୋରା ଚାଲାଣ ସମ୍ପର୍କରେ ସୂଚନା ପାଇ ଡିଏଫଓ ଅଜିତ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକ, ହଦଗଡ଼ ରେଞ୍ଜ ଅଫିସର ସୁମୀତ ମହାନ୍ତି, ଫରେଷ୍ଟର ଡମ୍ବରୁଧର ମହାନ୍ତ, ଅନନ୍ତ ଚରଣ ପରିଡା, ଗର୍ଡ ଲକ୍ଷ୍ମୀଧର କିସ୍କୁ, ବାପୁଜୀ ସାହୁ, ମନ୍ମଥ ସାହୁ ଓ ଜଙ୍ଗଲ ସୁରକ୍ଷା କର୍ମୀଙ୍କ ସହାୟତାରେ ଚଢ଼ାଉ ହୋଇଥିଲା।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ଆନନ୍ଦପୁର,୯।୧୦(ସ୍ୱ.ପ୍ର.)- ଆନନ୍ଦପୁର ତହସିଲ ଅଧୀନ ପଞ୍ଚୁପଲୀଠାରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ ଚଢାଉ ହୋଇଥିଲା। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ପୋଲିସ ସହାୟତାରେ ଚଢାଉ କରି ଦୁଇ ଗୋଟି ଟ୍ରାକ୍ଟର ଜବତ କରିଥିଲେ। ବିନା କାଗଜପତ୍ରରେ ବାଲି ଚାଲାଣ ପାଇଁ ସମ୍ପୃକ୍ତ ଟ୍ରାକ୍ଟର ନିକଟରୁ ୨୦ ହଜାର ଜରିମାନା ଆଦାୟ କରାଯାଇଛି।

■ ନିଆରା ବ୍ୟକ୍ତିତ୍ୱ ପ୍ରଫୁଲ୍ଲ

# ବାଣ୍ଟନ୍ତି ସହୃଦୟତା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୯।୧୦

କେନ୍ଦୁଝରରୁ କଟକ ଯାଉଥିବା ଓଏସଆରଟିସି (ଓଡ଼ିଶା ରାଜ୍ୟ ପରିବହନ ନିଗମ)କୁ ଯାଉଥିବା ସକାଳୁଆ ବସ ଏବେ ଚର୍ଚ୍ଚାର ବିଷୟ ହୋଇରହିଛି । ଏହି ବସ ପ୍ରଥମେ ନନ୍ ଷ୍ଟପ ବସ ଭାବରେ ଚାଲିଆସୁଥିଲା । ଏବେ ଏକ୍ସପ୍ରେସ ବସ ଭାବେ ଚାଲୁଛି। ଏହି ବସରେ ଲୋକମାନେ କଟକ ଯାଇ କାମଦାମ ସାରି ଘରକୁ ଫେରୁଥିଲେ। ଏଣୁ ଏହି ବସର ଚାହିଦା ଅଧିକ । ଭଲ ବସ ଚଲାଇବା ପାଇଁ ଦାବି ହୋଇ ଆସୁଛି। ବର୍ତ୍ତମାନ ସମୟରେ ବହୁ ସଂଖ୍ୟାରେ ସକାଳେ ଚାଲିଥିବା ଶୀତତାପ ନିୟନ୍ତ୍ରିତ ଘରୋଇ ବସ ଓ ରେଳ ଚଳାଚଳ ଏହି ବସ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ବସ ଏବେ ଲିଜ୍ ସୂତ୍ରରେ ଦିଆଯାଇଛି । ଏଣୁ ଏହାକୁ ଲିଜ୍‌ରେ ନେଇ ଚଲାଇ ଆସୁଥିବା ବିଭାଗର କଣ୍ଡକ୍ଟରଙ୍କ ଯାତ୍ରୀମାନଙ୍କ ପ୍ରତି ଆଚରଣ, ବ୍ୟବହାର ଏବଂ ସହାୟତାର ହାତ ଅନେକ ଯାତ୍ରୀଙ୍କୁ


ପ୍ରଫୁଲ୍ଲ ସାହୁ।

ଆକୃଷ୍ଟ କରୁଛି। ଉକ୍ତ କଣ୍ଡକ୍ଟରଙ୍କ ନାମ ପ୍ରଫୁଲ୍ଲ ସାହୁ । ତାଙ୍କ ଘର ଭଦ୍ରକ ଜିଲାରେ। କିନ୍ତୁ ସେ ଏହି ବିଭାଗରେ ଦୀର୍ଘ ବର୍ଷ ହେଲା କାମ କରିଆସୁଛନ୍ତି।

ପ୍ରଥମେ ଡ୍ରାଇଭର ଭାବରେ କାମ କରୁଥିଲେ । ଦୁର୍ଘଟଣାରେ ଆହତ ହେବା ପରେ କଣ୍ଡକ୍ଟର କାମ ତୁଲାଉଛନ୍ତି। ଦୀର୍ଘ ୨୨ ବର୍ଷ ହେଲା ଏହି ବିଭାଗରେ କାମ କରିଆସୁଥିଲେ ହେଁ ଅନ୍ୟମାନଙ୍କ ଭଳି ଚାକିରି ସ୍ଥାୟୀ ହେଉନାହିଁ । ଏଣୁ କମ୍ ଦରମାରେ ପରିବାର ଚଳାଇବା କଷ୍ଟକର ବ୍ୟାପାର। ଏଣୁ ଏହି ସରକାରୀ

**ଫୋନରେ ଅପେକ୍ଷା କରନ୍ତି ଯାତ୍ରୀ**

ବସ୍‌କୁ ସେ ୩ ବର୍ଷ ହେଲା ଲିଜ୍‌ରେ ନେଇ ଚଳାଉଛନ୍ତି । ଘରେ ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି । ଏହି ବସ କେନ୍ଦୁଝରରୁ ସକାଳ ୫ଟାରେ ବାହାରି କଟକ ଯାଇ ସେଠାରୁ ଦିନ ୩ଟାରେ ଫେରିଥାଏ । ଯାତ୍ରୀମାନଙ୍କ ସୁବିଧା ପାଇଁ ବସ୍‌ର ସମୟକୁ ଠିକ୍ ଭାବରେ ପରିଚାଳନା କରିଥାନ୍ତି । ଯାତ୍ରୀମାନଙ୍କ ପାଇଁ ବସରେ ଯେଉଁ ସବୁ ସୁବିଧା ଦେଇଥାନ୍ତି ତାହାକୁ ଅନ୍ୟ ବସର କର୍ମଚାରୀମାନେ ଈର୍ଷା କରିଥାନ୍ତି । ଯାତ୍ରୀମାନଙ୍କ ସହିତ ଘର ପରିବାର ସଦସ୍ୟ ଭଳି ମଉସା, ଭାଇ, ଦାଦା ଡାକି ସିଟ୍ ଖଣ୍ଡେ ଦେଇ ଭଲ କଥାବାର୍ତ୍ତା କରି ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ପହଞ୍ଚାଇଥାନ୍ତି। ରାସ୍ତାରେ ଯାତ୍ରୀମାନଙ୍କୁ ବସ ମଧ୍ୟରେ ମାଗଣାରେ ପିଇବା ପାଣି, ଚା ଓ ଜଳଖିଆ ଦେଇଥାନ୍ତି। ଏପରି କି ବାଟରେ ପ୍ରସିଦ୍ଧ ଟାଙ୍ଗି କାକରା ମଧ୍ୟ ଖୁଆଇବାକୁ ଭୁଲନ୍ତି ନାହିଁ। ଏଣୁ ତାଙ୍କ ସହିତ କାମ କରିବାକୁ ଭଲ ଲାଗେ ବୋଲି ହେଲପର ରାଜେନ୍ଦ୍ର ସ୍ୱାଇଁ ଓ ଡ୍ରାଇଭର ଭୀମସେନ ମହାନ୍ତ କୁହନ୍ତି । ତାଙ୍କର ଏଭଳି ଆତିଥ୍ୟତା ଓ ବ୍ୟବହାର ପାଇଁ ରାସ୍ତାରେ ଯିବାଆସିବା କରୁଥିବା ଲୋକମାନେ ଏହି ବସକୁ ଅନେଇ ରହିଥାନ୍ତି। ଏପରିକି ଯାତ୍ରୀ ମାନଙ୍କ ପାଖରେ ପ୍ରଫୁଲ୍ଲଙ୍କ ଫୋନ ନମ୍ବର ରହିଛି । ଯିଏ ଯେଉଁଠି ଅପେକ୍ଷା କରିଥାନ୍ତି ସେଠାରୁ ଫୋନରେ ଗାଡି କେତେବେଳେ ପହଞ୍ଚିବ ସେ ପଚାରି ବୁଝିଥାନ୍ତି। ରାସ୍ତାରେ ବହୁ ଘରୋଇ ବସ ଯିବା ଆସିବା କରୁଥିଲେ ହେଁ ଅନେକ ଲୋକ ଏହି ବସ୍‌କୁ ହିଁ ଅପେକ୍ଷା କରିଥାନ୍ତି। ଲୋକଙ୍କୁ ଭଲ ପାଇଲେ ଲୋକେ ଆପେ ଆପେ ଆସିବେ। ଭଲ ମନ୍ଦରେ ସହ ଯୋଗ କରିବେ। ଏଣୁ ସେ ଏଭଳି ଚିନ୍ତାଧାରା ରଖି ବସ୍‌ରେ ତାଙ୍କର କର୍ତ୍ତବ୍ୟ କରିଚାଲିଛନ୍ତି। ଯାତ୍ରୀମାନଙ୍କ ଖୁସିରେ ସେ ଭଲରେ ଚଳିଯାଉଛନ୍ତି ବୋଲି ପ୍ରଫୁଲ୍ଲ କହିଛନ୍ତି। ଭଲ ବସ ଖଣ୍ଡେ ଦେଲେ ଯାତ୍ରୀ ମାନେ ଅଧିକ ଭଲରେ ଓ ଅନ୍ୟ ଘରୋଇ ବସ ଭଳି ଆରାମରେ ଯାଇ ପାରନ୍ତେ ବୋଲି ସେ କହିଛନ୍ତି।

## ମଦ ବିରୋଧୀ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଲେ ମହିଳା


ମହିଳାମାନେ ବାଡ଼ି ଧରି ମଦ ବିରୋଧୀ ଆନ୍ଦୋଳନ କରୁଛନ୍ତି।

ଆନନ୍ଦପୁର, ୯।୧୦(ସ୍ୱ.ପ୍ର.)

ଖାଇବାକୁ ଗଣ୍ଡେ ପାଇଲୁନି କି ପିନ୍ଧିବାକୁ ଖଣ୍ଡେ ପାଇଲୁନି। ଆମ ପୁରୁଷମାନେ ମଦ ପିଇ ମାତାଲ ହେଲେ। ପୋଲିସକୁ ଜଣାଇଲୁ ହେଲେ ପୋଲିସ କହିଲା ଦଶହରା ସରୁ ଆମେ ଦେଖିବୁ। ଶେଷରେ ବାଧହୋଇ ମଦ ଦୋକାନ ଏବଂ ମଦୁଆଙ୍କୁ ସାବାଡ଼ କରିବା ଲାଗି ଅଣ୍ଟା ଭିଡିଥିବା କହିଛନ୍ତି ଆନନ୍ଦପୁର ପୌର ପରିଷଦ ୧୦ ନଂ ୱାର୍ଡ ହରିଜନ ସାହି ମହିଳାମାନେ। ସୋମବାର ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହାତରେ ବାଡି ଓ ଟର୍ଚ୍ଚ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। କେତେକ ସ୍ଥାନରୁ ଦେଶୀ ମଦ ପାଉଚ ମଧ୍ୟ ଜବତ କରିଥିଲେ। ଦୁର୍ଗା ପୂଜା ପାଇଁ ଝିଅ ବୋହୂମାନେ ସାଜ ସଜା ହୋଇ ପୂଜାମଣ୍ଡପ ବୁଲୁଥିବାବେଳେ ଏହି ହରିଜନ ସାହିର ମହିଳାମାନେ ମଦ କାରବାରକୁ ରୋକିବା ପାଇଁ ଅଭିନବ ଉପାୟ ଅବଲମ୍ବନ କରିବା ଘଟଣା ଚର୍ଚ୍ଚାର ବିଷୟ ସାଜିଛି। ମଦ ପ୍ରଭାବରେ ଅନେକ ପରିବାର ଉଜୁଡି ଯାଉଥିବାବେଳେ ଲୋକମାନଙ୍କର ଆର୍ଥିକ ସ୍ଥିତି କମ୍‌ଜୋର ହେବାରେ ଲାଗିଛି। ହେଲେ ପ୍ରଶାସନ ମଦ କାରବାରକୁ ରୋକିବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

## ବିଜୟାଦଶମୀରେ ଛଡ଼ିବାଡ଼ି ଖେଳ ପରମ୍ପରା

ଆନନ୍ଦପୁର, ୯।୧୦(ସ୍ୱ.ପ୍ର.)


ଛଡ଼ିବାଡ଼ି ଖେଳରେ ଭାଗ ନେଇଥିବା ପ୍ରତିଯୋଗୀ।

ରାଜାବୁଡା ଅମଳରୁ ରାଜପୁତ ଜାତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ରାଜବଂଶ ଏବଂ ରାଜ୍ୟର ସୁରକ୍ଷାର ଗୁରୁଦାୟିତ୍ୱ ବହନ କରୁଥିବା ଏହି ରାଜପୁତ ଜାତି ନିଜର ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ପବିତ୍ର ବିଜୟା ଦଶମୀ ଦିନ ଛଡିବାଡି ଖେଳର ନିଆରା ପର୍ବ ପାଳନ କରାଯାଉଛି। ଏଥିପାଇଁ ମଧ୍ୟାହ୍ନ ସମୟରେ ଆନନ୍ଦପୁରର ରାଜପୁତ ସାହିର ବୟୋଜ୍ୟେଷ୍ଠଠାରୁ ଆରମ୍ଭ କରି ଯୁବକ ଓ ଛୋଟ ଛୁଆମାନେ ନିଜ ନିଜ ଘରେ ପୂଜାପାଇଆସୁଥିବା ପାରମ୍ପରିକ ଅସ୍ତ୍ରଶସ୍ତ୍ର ତଥା ଖଣ୍ଡା, ତଲୱାର୍, ବାନାପାଟା, ମୁଦ୍ଗର, ବର୍ଚ୍ଛା, କଟାରି, ଛୁରି ଆଦିକୁ ସାହିର ମଧ୍ୟସ୍ଥଳରେ ରଖାଯାଇ ଯଥାରୀତି ପୂଜାର୍ଚ୍ଚନା କାର୍ଯ୍ୟ ସହିତ ହୋମଯଜ୍ଞାଦି କାର୍ଯ୍ୟ ସମ୍ପାଦନ କରାଯାଇଥାଏ। ଚଳିତ ବର୍ଷ ଏହି ଅବସରରେ ପୂର୍ବରୁ ରହିଆସିଥିବା ପଶୁବଳି ପ୍ରଥାକୁ ଉଚ୍ଛେଦ କରାଯାଇ ପରମ୍ପରା ସ୍ୱରୂପ କଖାରୁ ବଳି ଦିଆଯାଇ ବିଧି କାର୍ଯ୍ୟ ଶେଷ କରାଯାଇଥିଲା। ମା’ ଦୁର୍ଗା ଓ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ଛଡ଼ିବାଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲିଟୁ ରାମ, ହଗୁର ରାମ, ସିପୁନ ରାମ ପ୍ରମୁଖଙ୍କ ସମେତ ସାହିର ବହୁ ଯୁବକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଆଳିଆ ସାହିର ପ୍ରଶିକ୍ଷକ ନିତ୍ୟାନନ୍ଦ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାହି ପିଲାମାନଙ୍କୁ ବିଭିନ୍ନ ପ୍ରକାର ଖେଳ ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ସମୟରେ ସାହିର ମନୋଜ କୁମାର ସିଂହ, ସଞ୍ଜୀବ ସିଂହ, ତରଣୀସେନ ସିଂହ, ପ୍ରମୋଦ ସିଂହ, ରାଜେନ୍ଦ୍ର ରାଜ, ନଗେନ୍ଦ୍ର ରାଜ, ଜ୍ଞାନରଞ୍ଜନ, ଅଶୋକ କୁମାର ସିଂହ, ସତ୍ୟଜିତ୍ ସିଂହ, ବାପି ସିଂହ, ପ୍ରତାପ ସିଂହ ପ୍ରମୁଖଙ୍କ ସହଯୋଗ କରିବା ସହିତ ସୁଚାରୁ ରୂପରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଅପରାହ୍ନରେ ପ୍ରଥମେ ସାହିର ପୂଜାସ୍ଥଳରେ ଛଡିବାଡି ଖେଳ ଶେଷ ହେବା ପରେ ଗ୍ରାମଦେବତୀ ମା’ପାତାଳଶ୍ୱରୀଙ୍କ ନିକଟରେ ଖେଳ ପ୍ରଦର୍ଶନ ପୂର୍ବକ ଆଶୀର୍ବାଦ ଭିକ୍ଷା କରାଯାଇଥିଲା। ପରେ ପରମ୍ପରା ଅନୁଯାୟୀ ଆନନ୍ଦପୁରର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ଏବଂ ମା’ ଦେଶ ଦୁର୍ଗାଙ୍କ ନିକଟରେ ଏହି ଖେଳ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା। ଏହି ଖେଳକୁ ଦେଖିବା ପାଇଁ ଶତାଧିକ ଲୋକଙ୍କ ଜନସମାଗମ ହେବା ସହିତ ଉପସ୍ଥିତ ଜନସାଧାରଣ କରତାଳି ଦେଇ ଭୂୟସୀ ପ୍ରଶଂସା କରିଥିଲେ।

## ଧରାପୃଷ୍ଠରୁ ବିଦାୟ ନେଲେ ଦୁର୍ଗା ମା’

କେନ୍ଦୁଝର ୯।୧୦ (ସ୍ୱ.ପ୍ର)

କେନ୍ଦୁଝର ସହରରେ ବୁଧବାର ଦିନ ଧରାପୃଷ୍ଠକୁ ଆସି ଥିବା ଦେବୀ ଦୁର୍ଗା ଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ପୂଜାମଣ୍ଡପରୁ ଦେବୀଙ୍କ ମେଢକୁ ସୁସଜ୍ଜିତ ଗାଡିରେ ସହର ପରିକ୍ରମା କରିଥିଲେ । ଡିଜେ ଉପରେ କଟକଣା ଲାଗିଥିବାରୁ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ ଏବଂ ନାଚଗୀତ କରି ଭକ୍ତ ମାନେ ଦେବୀଙ୍କୁ ବିଦାୟ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଜଳ ପ୍ରଦୂଷଣ ରୋକିବା ପାଇଁ ଜନାର୍ଦ୍ଦନପୁର ସାହି ପୋଖରୀରେ ସମସ୍ତ ମୂର୍ତ୍ତି ବିସର୍ଜନ କରିବାକୁ ପ୍ରସ୍ତୁତ କରାଯାଇଛି । ସ୍ଥାନୀୟ ପୁରୁଣା ସହର, ଆଟୋପୁର, ଡେଲି ମାର୍କେଟ, ନିୟୁକଲୋନୀ, ଗାନ୍ଧୀ ଛକ, ଜଗନ୍ନାଥପୁର ସାହି ବୁଧବାର ଭସାଣୀ ଉତ୍ସବ ପାଳନ କରିଛନ୍ତି। ସୁରକ୍ଷା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଏଣୁ ସୁରକ୍ଷା ଦାୟିତ୍ୱ ଥିବାରୁ ସ୍ଥାନୀୟ ରିଜର୍ଭ ପୋଲିସ ମେଢ ଶୁକ୍ରବାର ବସିର୍ଜନ ପାଇଁ ସ୍ଥିର ହୋଇଛି ।

## ଛୁଟିରେ ଚାଲିଛି ଡ୍ରେନ ନିର୍ମାଣ


ଭିଆଇପି ରୋଡ଼ରେ ତରବରିଆ ଭାବେ କାର୍ଯ୍ୟ ଚାଲିଛି।

ଆନନ୍ଦପୁର, ୯।୧୦(ସ୍ୱ.ପ୍ର.)

ପାର୍ବଣ ଛୁଟିରେ ସମସ୍ତ ବିଭାଗୀୟ ଅଧିକାରୀ ଛୁଟିରେ ରହିଥିବାବେଳେ ଏହି ଛୁଟି ସମୟରେ ଖପରାଖାଇ–ଘସିପୁରା ଭିଆଇପି ରୋଡର ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିଛି। ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଚାଲିଥିବା ନିର୍ମାଣ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଦାରଖ ଅଭାବରୁ ଲୁହା ଛଡକୁ ଟେକା ନଯାଇ କେବଳ ବାଲି ଉପରେ ରଡ ଥୋଇ ଦିଆଯାଇ ନିମ୍ନମାନର କଂକ୍ରିଟରେ କାର୍ଯ୍ୟ ଶେଷ ହେଉଥିବା ଦେଖାଯାଇଛି। ଯାହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପଟେ ଭିଆଇପି ରୋଡର ନିର୍ମାଣାଧୀନ ଡ୍ରେନରେ ପାନୀୟ ଜଳ ପାଇପ ରହିଥିବାବେଳେ ଏହାକୁ ଦୃଷ୍ଟି ଆଢୁଆଳରେ ରଖିବା ପାଇଁ ତରବରିଆ ଭାବେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ ହେଉଥିବା କୁହାଯାଉଛି। ଗୋଟିଏ ପଟେ ଜନସ୍ୱାସ୍ଥ୍ୟ ବିଭାଗ ନିଦ୍ରାରେ ଶୋଇଥିବାବେଳେ ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀ ନିର୍ମାଣ କାର୍ଯ୍ୟ ପ୍ରତି ଆଖି ବୁଝିଦେଇଥିବା ଦେଖାଯାଇଛି। ଏଭଳି ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି।

## ନିଆରା ପରମ୍ପରା ଖଣ୍ଡାପୂଜା

ତେଲକୋଇ, ୯।୧୦(ଡି.ଏନ.ଏ.)


ପାଇକମାନଙ୍କ ଖେଳ କୌଶଳ ପ୍ରଦର୍ଶନ ।

କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ରାଜାଙ୍କ ଅଧୀନରେ ଏହି ଚାରିଗଡ ସୁରକ୍ଷା ପାଇଁ ଗଡନାୟକଙ୍କୁ ନିଯୁକ୍ତି କରାଯାଇଥିଲା। ସୀମା ଢେଙ୍କାନାଳ ସୀମାନ୍ତରେ ପାଇକ ଯୋଦ୍ଧାଙ୍କୁ ନିଯୁକ୍ତି ସୀମା ସୁରକ୍ଷାର ଯୋଜନା ଉକ୍ତ ସମୟ କରାଯାଇଥିଲା। କେନ୍ଦୁଝର ଜିଲା ମୁଖ୍ୟାଳୟରେ ୧୯୩୧ ମସିହାରେ ରାଜା ଶ୍ରୀ ବଳଭଦ୍ର ଭଞ୍ଜ ସୁରକ୍ଷା ପାଇଁ ଏହି ଅଞ୍ଚଳର ସୀମା ବିଞ୍ଝବାହାଳ, ଓରିଆ, କାଳିଆହତା ଓ ନୁଆଁଗଡ ପାଇକ ଯୋଦ୍ଧାଙ୍କୁ ଦାୟିତ୍ୱ ଦେଇଥିଲେ।

ଏହି ନିଆରା ପରମ୍ପରା ପାଇଁ ବିଜୟା ଦଶମୀରେ ଯୋଦ୍ଧା ମାନେ ଦଳପତିଙ୍କୁ ସାଙ୍ଗରେ ଧରି ତେଲକୋଇ ଥାନାରେ ଭେଟି କାର୍ଯ୍ୟକ୍ରମ କରିଥିଲେ। ଦଳପତି ଜଗମୋହନ ସାହୁ ବିଜୟା ଦଶମୀରେ ଘରେ ଖଣ୍ଡାପୂଜା କରି ବାହାରନ୍ତି। ଏଥି ସହିତ ବିଭିନ୍ନ ଯୋଦ୍ଧା ରଣପା, ଟିପା, ତାଲ, ପ୍ରତିରକ୍ଷା ପାଇଁ ଅସ୍ତ୍ର ଚାଳନା, ଗଦା, ବର୍ଚ୍ଛା ଯୋଦ୍ଧା ଅନ୍ତର୍ଭୁକ୍ତ ରହି ଭେଟି କାର୍ଯ୍ୟକ୍ରମ କରିଥାନ୍ତି। ବିଞ୍ଝବାହାଳ ଗ୍ରାମରୁ ଏକ ଶୋଭାଯାତ୍ରାରେ ଦଳପତିଙ୍କୁ ଆଣି ଜଗମୋହନପୁର ବଜାର ଅଞ୍ଚଳ ପହଞ୍ଚିବା ପରେ ତେଲକୋଇ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ପଟୁଆରରେ ତେଲକୋଇ ପୋଲିସଷ୍ଟେସନକୁ ଆସିଥାନ୍ତି। ଏହା ପରେ ପୋଲିସ ଅଧିକାରୀ ଉକ୍ତ ଖଣ୍ଡାକୁ ନେଇ ପୂଜାର୍ଚ୍ଚନା କରିବା ପରେ ଉକ୍ତ ଖଣ୍ଡାକୁ ଦଳପତିଙ୍କୁ ଦେଇଥାନ୍ତି। ପୋଲିସ ଅଫିସ କାର୍ଯ୍ୟାଳୟରେ ଦଳପତିଙ୍କ ସହ ଥାନା ଅଧିକାରୀ ଯୋଦ୍ଧା ମାନଙ୍କ ଖେଳ କୌଶଳକୁ ସମ୍ମାନିତ କରିବା ସହିତ ଅନ୍ନଭୋଗର ବ୍ୟବସ୍ଥା କରୁଛନ୍ତି। ସପ୍ତମୀ ପୂଜା ଠାରୁ ଚାରିଗଡ ଗ୍ରାମରେ ଏହାକୁ ଗୁରୁତ୍ୱ ଦିଆଯାଇ ବିଜୟ ଦଶମୀର ଯୋଦ୍ଧା ମାନଙ୍କୁ ଖଣ୍ଡା ପୂଜା ପାଇଁ ପ୍ରତି ପରିବାରରେ ସ୍ୱତନ୍ତ୍ର ଯୋଜନା ସହିତ ବିଦାୟ କରିବା ଗୁରୁତ୍ୱ ବହନ କରିଛନ୍ତି। ଦୀର୍ଘଦିନର ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ବିଜୟା ଦଶମୀ ଦିନ ଉକ୍ତ କାର୍ଯ୍ୟକ୍ରମର ଗୁରୁତ୍ୱ ବହନ କରୁଛନ୍ତି। ଏହାପରେ ଆଜି ଅତିଥିଙ୍କ ଗହଣରେ ବିଭିନ୍ନ ପ୍ରତିଯୋଗିତା ଛୋଟ ଛୁଆ ଠାରୁ ସମସ୍ତଙ୍କ ପାଇଁ ଖେଳ ଆୟୋଜନର ଯୋଜନା ହେଉଥିବା ଗ୍ରାମର ସଭାପତି ଶରତ ଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି ।

## ବିଦ୍ୟାଳୟରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଚମ୍ପୁଆ, ୯।୧୦(ଡି.ଏନ.ଏ.)

ଚମ୍ପୁଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଠାରେ ଗୋପବନ୍ଧୁଙ୍କ ୧୪୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥରେ ମୁଖ୍ୟଅତିଥି ଭାବେ ଗଙ୍ଗାଧର କର, ପ୍ରଧାନ ଆଚାର୍ଯ୍ୟ ଧରଣିଧର ଦାସ ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁ ଓ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥି ମାନେ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଦର୍ଶନକୁ ଅବଲୋକନ କରିବା ସହତ ଏହି ମହାପୁରୁଷଙ୍କ ଅବଦାନ ଆଜି ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ।

# ମେଲାଣି ନେଲେ ମା’ ଦୁର୍ଗା

ଚମ୍ପୁଆ, ୯।୧୦(ଡି.ଏନ.ଏ.)

ଚମ୍ପୁଆ ସଦର ମହକୁମାରେ ଶାରଦୀୟ ଦୁର୍ଗାପୂଜା ଶେଷ ହୋଇଛି। ନାରୀ ଶକ୍ତିର ପ୍ରତୀକ ମା’ ଦୂର୍ଗା ମଲୋଣି ନେଇଛନ୍ତି। ଭକ୍ତିପୂତ ଭାବେ ବିଲ୍ୱବରଣୀ, ଷଷ୍ଠି, ସପ୍ତମୀ, ଅଷ୍ଟମି, ନବମୀ ଓ ଦଶମି ପୂଜା ଶେଷ ପରେ ବିଧି ଅନୁସାରେ ମା’ଙ୍କ ବିସର୍ଜନ ଶେଷ କରାଯାଇଥିଲା। ଉତ୍ସାହ ଉଦ୍ଦୀପନାକୁ ପରିସମାପ୍ତି କରି ବୁଧବାର ମା’ଙ୍କ ମେଢକୁ ବାଜା, ବାଣ ଫୁଟାଇ ଭକ୍ତଙ୍କ ଗହଣରେ ମେଲାଣି ଦିଆଯାଇଛି। ଚମ୍ପୁଆ ମା ଜଗତଜନନୀ ପୂଜା କମିଟି ପକ୍ଷରୁ ମାଙ୍କ ମୃଣ୍ମୟ ପ୍ରତିମୂର୍ତ୍ତିକୁ ଦିନବେଳା ଏକ ବିରାଟ ଶୋଭାଯାତ୍ରାରେ ପୂଜା ବେଦୀରୁ ନିଆଯାଇ ସହର ପରିକ୍ରମା କରାଯିବା ସହିତ ପୂର୍ବ ନିର୍ଦ୍ଧାରିତ ବିସର୍ଜନ ପୋଖରୀ ପାଞ୍ଚପୋଖରିଆ ଠାରେ ବିସର୍ଜନ କରାଯାଇଛି।


ମା’ ଦୁର୍ଗାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଘସିପୁରା, ୯।୧୦(ଡି.ଏନ.ଏ.)

ଶେଷ ହୋଇଛି ମା’ ଦୁର୍ଗାଙ୍କ ପୂଜା। ଏବେ ସବୁଠି ମା ଙ୍କୁ ଦିଆଯାଉଛି ମେଲାଣି। ଆନନ୍ଦପୁର ପୌରପରିଷଦ ଫକିରପୁର ଠାରେ ବର୍ଷବର୍ଷ ଧରି ନିଆରା ଢଙ୍ଗରେ ମା’ଙ୍କୁ ମେଲାଣି ଦେଉଛନ୍ତି ଭକ୍ତ। କେଉଁଠି ଆତସବାଜୀ ତ ଓ ଆଉ କେଉଁଠି ଡିଜେ, ମେଲୋ ଡ଼ି ଓ ଆଲୋକମାଳା ରେ ମା’ଙ୍କୁ ଦିଆଯାଉଛି ବିଦାୟ। କିନ୍ତୁ ଫକିରପୁର ଠାରେ କାହିଁ କେଉଁ କାଳର ପରମ୍ପରା ଅନୁସାରେ ମା’ଙ୍କୁ ବୁଧବାର ମେଲାଣି ଦିଆଯାଇଛି। ଏଠାରେ ମା’ଙ୍କ ବିସର୍ଜନର ବିଶେଷତ୍ୱ ହେଉଛି କେବଳ ପାରମ୍ପାରିକ ଢୋଲ ଓ ଘଣ୍ଟ ସହ ଭକ୍ତ ମାନେ ମା’ଙ୍କୁ ନିଜ କାନ୍ଧ ରେ କାନ୍ଧେଇ ପ୍ରାୟ ୨କି.ମି. ନଦୀ ବନ୍ଧରେ ଚାଲିଚାଲି ଯାଇ ବିସର୍ଜନ କରିଥାନ୍ତି। ନଦୀକୂଳରେ ପହଞ୍ଚିବା ପରେ ପାରମ୍ପାରିକ ରୀତିନୀତି ସମ୍ପନ୍ନ କରି ବୈତରଣୀରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଏ। ବିଶ୍ୱାସ ରହିଛି, ଏହି ଦିନରେ ମା’ଙ୍କୁ କାନ୍ଧରେ ନେଇ ମେଲାଣି ଦେଲେ ସବୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଫକିରପୁରର ଏହି ନିଆରା ମେଲାଣ ଉତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଛୁଟିଥିଲା।

ଯୋଡ଼ା, ୯।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା କେନ୍ଦ୍ରୀୟ ଖେଳ ପଡିଆଠାରେ ଯୋଡା ରାବଣ ପୋଡି ମହୋତ୍ସବ କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ୭ଘଟିକା ସମୟରେ ରାବଣ ପୋଡି ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବଡବିଲ ଏସଡିପିଓ ଦିଲୀପ କୁମାର ବାଗ୍ ଓ ସମ୍ମାନିତ ଅତିଥି ଭାବେ ଯୋଡା ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର ଯୋଗ ଦେଇଥିଲେ । କମିଟି ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କଟକ ଟାଙ୍ଗି ଅଞ୍ଚଳରୁ ଆସିଥିବା ବିଭିନ୍ନ ପ୍ରକାର ବାଣର ଆତସବାଜି କୌଶଳ ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ଏଥିରେ କମିଟିର ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ସୁଶାନ୍ତ କୁମାର ବାରିକ, ନିହାର ରଞ୍ଜନ ରାଉତ, ପୁରୁଷୋତ୍ତମ ଦାସ, ହୃଶିକେଷ ଜେନା, ଶରତ ନାୟକ, ପ୍ରକାଶ କୁମାର ମହାନ୍ତି ଓ ପାଣ୍ଡବ କାରୁଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ଶ୍ରଦ୍ଧାଳୁମାନେ ମା’ଙ୍କୁ କାନ୍ଧରେ ନେଇ ବିସର୍ଜନ କରିବାକୁ ଯାଉଛନ୍ତି।

ଢେଙ୍କିକୋଟ, ୯।୧୦(ଡି.ଏନ୍.ଏ.)

ଢେଙ୍କିକୋଟ ଶାରଦୀୟ ଦୁର୍ଗାପୂଜାର ବୁଧବାର ଭସାଣି ଉତ୍ସବ ପାଳନ କରାଯାଇଛି। ଗତ ମଙ୍ଗଳବାର ବିସର୍ଜନ ପୂଜା ପରେ ଘଟ କଳସ ବିସର୍ଜନ କରାଯାଇଥିଲା। ବୁଧବାର ପୂର୍ବାହ୍ନ ୧୧ଟାବେଳେ ମା’ ଦୁର୍ଗତିନାଶିନୀଙ୍କୁ ମେଲାଣି ଦିଆଯାଇଛି। କମିଟିର ୯୦ଜଣ ସଦସ୍ୟ ତଥା ତାଙ୍କ ପରିବାର ଲୋକମାନେ ଏବଂ ଆଖପାଖ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ସମସ୍ତେ ଆଖି ଛଳ ଛଳ କରି ମା’ଙ୍କୁ ବନ୍ଦାପନା କରି ମେଲାଣି ଦେଇଛନ୍ତି। କମିଟିର ଉପଦେଷ୍ଟା ଉତ୍ତମ କୁମାର ନାୟକ ସମେତ ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘ୍ନ ସାହୁ କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳାର ସହ ଭସାଣି ଉତ୍ସବରେ ଯୋଗ ଦେଇଥିବାବେଳେ ଟିକିରା କପାସପଡ଼ା, ମହୁଲଗାଡ଼ିଆ ଏବଂ କେତାଙ୍ଗର ସଂକୀର୍ତ୍ତନମଣ୍ଡଳ ଆସି ଯୋଗ ଦେଇଥିଲେ। ମା’ଙ୍କ ମୂର୍ତ୍ତି ପ୍ରତିମାକୁ ନେଇ ପବିତ୍ର ସୀତାନଦୀ ମୁଦ୍ରାବେଢ଼ାସ୍ଥିତ ଘାଟରେ ପକାଯାଇ ବିସର୍ଜନ ଦିଆଯାଇଛି।

